# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 12, ISSUE NO. - 04, DATE : 16.02.2025 - 28.02.2025 FORTNIGHTLY (ODIA), BHUBANESWAR. PAGES-08


## ଭାରତୀୟ ମାନଙ୍କ ପ୍ରତି ଆମେରିକା ସରକାରର ଆଚରଣ ସଭ୍ୟତା ବିରୋଧୀ

ହାତରେ ହାତକଡା, ଗୋଡରେ ବେଡି ଓ ଅଣ୍ଟାରେ ଜଂଜିର। ଅବ୍ୟକ୍ତ ଯନ୍ତ୍ରଣା, ଅସହ୍ୟ ଅପମାନ, ଚରମ ହତାଶା ଏବଂ ଅନିଶ୍ଚିତ ଆଗାମୀ କାଲିର ବୋଝରେ ମୁଣ୍ଡ ନଇଁ ପଡିଛି। ଏହି ଅବସ୍ଥାରେ ଅମୃତସର ବିମାନବନ୍ଦରରେ ଓହ୍ଲାଇଛନ୍ତି ୧୦୮ ଜଣ, ସର୍ବସ୍ୱାନ୍ତ ପ୍ରବାସୀ ଭାରତୀୟ। ବିଦେଶକୁ ପଶୁ ଚାଲାଣ କରିବାପାଇଁ ମଧ୍ୟ ଯେଉଁ ବ୍ୟବସ୍ଥା କରାଯାଏ ଏହି ପ୍ରବାସୀମାନଙ୍କୁ ଭାରତକୁ ପଠାଇବା ସମୟରେ ସେହି ଟିକକ ବ୍ୟବସ୍ଥା କରିବାକୁ ମଧ୍ୟ ଆମ ପ୍ରଧାନମନ୍ତ୍ରୀଙ୍କର ପରମ ମିତ୍ର ନବନିର୍ବାଚିତ ମାର୍କିନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆବଶ୍ୟକ ମନେ କରିନାହାନ୍ତି। ହାତ ଗୋଡ ବନ୍ଧା ହୋଇଥିବା ଅବସ୍ଥାରେ ୪୦ଘଣ୍ଟା ଧରି ସାମରିକ ବିମାନରେ ଅମାନବୀୟ ଅବସ୍ଥାରେ ଯାତ୍ରା କରିବା ପରେ ଫେବୃୟାରୀ ୫ତାରିଖରେ ଏମାନଙ୍କୁ ଅମୃତସର ବିମାନ ବନ୍ଦରରେ ଓହ୍ଲାଇ ଦିଆଯାଇଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗୃହରାଜ୍ୟ ଗୁଜୁରାଟର ବାସିନ୍ଦା। ଏହାବ୍ୟତୀତ ଏମାନଙ୍କ ମଧ୍ୟରେ ଅଛନ୍ତି, ପଞ୍ଜାବ, ହରିଆନା, ମହାରାଷ୍ଟ୍ର ଓ ଉତ୍ତର ପ୍ରଦେଶର ବାସିନ୍ଦା। ଏମାନଙ୍କ ମଧ୍ୟରେ ପୁଣି ଅଛନ୍ତି ୧୯ ଜଣ ମହିଳା ଓ ୧୩ ଜଣ ଶିଶୁ।

ମାତ୍ର ଭାରତୀୟ ମାନଙ୍କ ପ୍ରତି ମାର୍କିନ କର୍ତ୍ତୃପକ୍ଷ ଏହି ଧରଣର ଅମାନବୀୟ ଆଚରଣ କରୁଥିଲାବେଳେ ସଂସଦରେ ବିଦେଶ ମନ୍ତ୍ରୀ ଅତ୍ୟନ୍ତ ନିର୍ଲ୍ଲଜ ଭାବରେ ଆମେରିକା ସରକାରଙ୍କର ବର୍ବରୋଚିତ ବ୍ୟବହାରକୁ ପ୍ରକାରାନ୍ତରେ ସମର୍ଥନ କରିଛନ୍ତି। ବୈଦେଶିକ ମନ୍ତ୍ରୀଙ୍କ ବକ୍ତବ୍ୟ ଅନୁଯାୟୀ ବେଆଇନ ଅନୁପ୍ରବେଶକାରୀ ମାନଙ୍କୁ ନିଜ ଦେଶକୁ ପଠାଇବା ପାଇଁ ଏହିଧରଣର ଆଚରଣ କୁଆଡେ ଆମେରିକାର ପ୍ରଚଳିତ ଆଇନ ଅନୁଯାୟୀ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୁହଁରୁ କଥା ବାହାରୁ ନାହିଁ।

ଏହି ୧୦୪ ଜଣଙ୍କର ଏକମାତ୍ର ଅପରାଧ- ଯେକୌଣସି ଉପାୟରେ କିଛି କାମ ଯୋଗାଡ କରି ଦି ମୁଠା ଖାଦ୍ୟର ବନ୍ଦୋବସ୍ତ କରିବା ପାଇଁ ସେମାନେ ଚେଷ୍ଟା କରିଥିଲେ। ପରିବାରର ଲୋକମାନଙ୍କ ସହିତ ଖାଇପିଇ ସାମାନ୍ୟ ସୁସ୍ଥ ଜୀବନ ଯାପନ କରିବା ପାଇଁ ସ୍ୱପ୍ନ ଦେଖିବା ଥିଲା ସେମାନଙ୍କର ଏକମାତ୍ର ଅପରାଧ। ଏହି ଅମୃତକାଳରେ ମଧ୍ୟ ଦେଶରେ କାମ ମିଳିବା ପ୍ରାୟ ଅସମ୍ଭବ। ଯାହାବି କାମ ମିଳେ ସେଥିରେ ପରିବାର ପୋଷଣ କାର୍ଯ୍ୟତଃ ସମ୍ଭବ ନୁହେଁ। ସେଥିପାଇଁ ଜମିବାଡି, ଗହଣା ଗାଣ୍ଠି ବିକ୍ରି କରି ଏଜେଣ୍ଟ ମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା ଦେଇ ଏହି ଦୁର୍ଭାଗାମାନେ ଜୀବନକୁ ବିପନ୍ନ କରି ଆମେରିକା ଯାଇଥିଲେ ଦୁଇ ପଇସା ରୋଜଗାର କରିବା ପାଇଁ।

ତେବେ ସେମାନଙ୍କର ଆମେରିକା ପହଂଚିବା ମଧ୍ୟ ଏତେ ସହଜ ନଥିଲା। ଏଜେଣ୍ଟମାନଙ୍କ କହିବା ଅନୁଯାୟୀ କିଏ କାତାରରେ ତ କିଏ ଦୁବାଇରେ ପହଂଚିଥିଲା। ଏହାପରେ ସେମାନଙ୍କୁ ଏକ ଭୟଙ୍କର ଅଭିଯାନରେ ସାମିଲ ହେବାକୁ ପଡିଥିଲା। ସେମାନଙ୍କୁ ଗୋଟିଏ ପରେ ଗୋଟିଏ ପାହାଡ ପାଦରେ ଚାଲି ଅତିକ୍ରମ କରିବାକୁ ପଡିଥିଲା, ଗଭୀର ଜଙ୍ଗଲରେ ବିପଦ ସଂକୁଳ ରାସ୍ତାରେ ମାଇଲ ମାଇଲ ଚାଲିବାକୁ ହୋଇଥିଲା। ଚାଲୁ ଚାଲୁ କେହି ରୋଜଗାର ଆଶାୟୀ ସହଯାତ୍ରୀ ରୋଗଗ୍ରସ୍ତ ହେଲ ତାକୁ ମରିବା ପାଇଁ ପଛରେ ଛାଡିଦେଇ ଆଗେଇବାକୁ ହୋଇଛି ; ଜୀବନକୁ ବିପନ୍ନ କରି ହୁଲି ଡଙ୍ଗାରେ ସମୁଦ୍ର ଗର୍ଭରେ ବିପଦ ଶଙ୍କୁଳ ଯାତ୍ରା କରିବାକୁ ହୋଇଛି। ଏହିଭଳି ଭାବରେ ଦକ୍ଷିଣ ଆମେରିକାର ଗୋଟିଏ ପରେ ଗୋଟିଏ ଦେଶ ସେମାନଙ୍କୁ ପାର ହେବାକୁ ପଡିଛି। ଏହିଭଳି ଭାବରେ ମେକ୍ସିକୋ ସୀମା ପାର ହୋଇ ଆମେରିକାରେ ପ୍ରବେଶ କରିବା ପୂର୍ବରୁହିଁ ଧରାପଡି ବେଆଇନ ଅନୁପ୍ରବେଶକାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଜେଲରେ ସଢିଛନ୍ତି। ସେମାନଙ୍କର ସମସ୍ତ ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଇଛି। ଶେଷରେ ଅତ୍ୟନ୍ତ ଅପମାନଜନକ ଭାବରେ ଜନ୍ମଭୂମିକୁ ଫେରି ଆସିଛନ୍ତି ନିଃସ୍ୱ, ରିକ୍ତ, ସର୍ବସ୍ୱ ହରାଇଥିବା ୧୦୪ ଜଣ ମଣିଷ। ପ୍ରଥମେ ଏହି ୧୦୪ ଜଣଙ୍କୁ ପଠାଯାଇଛି। ଏହାପରେ ପର୍ଯ୍ୟାୟକ୍ରମେ କୁଆଡେ ୧୮ ହଜାର ଏହି ଭଳି ଲୋକଙ୍କୁ ଟ୍ରମ୍ପ ସରକାର ଭାରତକୁ ପଠାଇବେ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## କେନ୍ଦ୍ର ସରକାରଙ୍କ ସାର ନୀତି ଚାଷୀମାନଙ୍କର ସର୍ବନାସ କରିବ

ସାରର କଳାବଜାରୀ ବିରୁଦ୍ଧରେ ସମଗ୍ର ଦେଶରେ ଚାଷୀମାନଙ୍କର ସ୍ୱର ତୀବ୍ର ହେଉଛି। ସୁଲଭ ମୂଲ୍ୟରେ ସାର ଯୋଗାଣ ପାଇଁ ସମଗ୍ର ଦେଶର ଚାଷୀମାନେ ଦାବି କରୁଛନ୍ତି। ମାତ୍ର କେନ୍ଦ୍ର ବିଜେପି ସରକାର ନିର୍ବିକାର। ସରକାର ଏହାର ଚାଷୀ ସ୍ୱାର୍ଥ ବିରୋଧୀ ନୀତି ଅପରିବର୍ତ୍ତିତ ରଖିଛି।

ସାରର ଦର କେଉଁ ହାରରେ ବୃଦ୍ଧି ପାଇଛି ଆସନ୍ତୁ ତା' ଉପରେ ଦୃଷ୍ଟିପାତ କରିବା। ୨୦୦୯-୧୦ ମସିହାରେ ଅଗଷ୍ଟ ମାସ ସୁଦ୍ଧା ପଟାସ ସାରର ଟନ୍ ପିଛା ଦର ଥିଲା ୪ହଜାର ୪୫୫ ଟଙ୍କା। ୨୦୨୩ ମସିହା ଅଗଷ୍ଟ ମାସ ବେଳକୁ ଏହି ଦର ୩୬ହଜାର ୬୪୪ ଟଙ୍କାରେ ପହଂଚିଥିଲା। ଇତିମଧ୍ୟରେ ଏହି ଦାମ ଆହୁରି ବୃଦ୍ଧି ପାଇଛି। ୨୦୦୯-୧୦ ମସିହାରେ ଡିଏପି ସାରର ଟନ୍‌ପିଛା ଦର ୯ହଜାର ୩୫୦ ଟଙ୍କା ଥିଲାବେଳେ ୨୦୨୩ ଅଗଷ୍ଟ ମାସ ବେଳକୁ ଏହା ବୃଦ୍ଧି ପାଇ ୨୭ ହଜାରରେ ପହଂଚିଥିଲା।

ଅନ୍ୟ ଦିଗରେ ଗତ ତିନି ବର୍ଷ ମଧ୍ୟରେ କେନ୍ଦ୍ର ବିଜେପି ସରକାର ସାରର ସବସିଡି ହ୍ରାସ କରିଛନ୍ତି ୮୭ ହଜାର ୩୩୯୪ କୋଟି ଟଙ୍କା। ୨୦୨୨-୨୩ ମସିହାରେ କେନ୍ଦ୍ରୀୟ ବଜେଟ୍‌ରେ ସାର ଉପରେ ସବ୍‌ସିଡି ବାବଦ ୨ଲକ୍ଷ ୫୧ ହଜାର ୩୩୯ କୋଟି ଟଙ୍କା ଥିଲାବେଳେ ୨୦୨୩-୨୪ ମସିହାରେ ଏହା ହ୍ରାସପାଇ ୧ଲକ୍ଷ ୮୮ହଜାର ୮୯୪ କୋଟି ଟଙ୍କାରେ ପହଂଚିଥିଲା। ଚଳିତ ବଜେଟରେ ସାର ସବ୍‌ସିଡି ପାଇଁ ମାତ୍ର ୧ଲକ୍ଷ ୬୪ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଉପରେ ଦିଆଯାଇଥିବା ଏହି ପରିସଂଖ୍ୟାନରୁ ସ୍ପଷ୍ଟ ହେଉଛି ଯେ ସାର ଉପରେ କେନ୍ଦ୍ର ସରକାର ପ୍ରଦାନ କରୁଥିବା ସବ୍‌ସିଡିର ପରିମାଣ କମି ଚାଲିଛି। ଗୋଟିଏ ସମୟରେ ସାର ଉତ୍ପାଦନ କ୍ଷେତ୍ରରେ ଆମ ଦେଶ ଆତ୍ମନିର୍ଭର ଥିଲା। ମାତ୍ର ସମାଜବାଦୀ ସୋଭିଏତ୍ ୟୁନିୟନ ନେତୃତ୍ୱରେ ପରିଚାଳିତ ସମାଜବାଦୀ ଶିବିରର ବିଲୟ ପରେ ବିଗତ ଶତାବ୍ଦୀର ନବେ ଦଶକର ପ୍ରାରମ୍ଭରେ ଦେଶରେ ଘରୋଇକରଣ ନୀତି ଲାଗୁ କରାଯାଇଛି ଏବଂ ଏହା ସହିତ ଚିତ୍ର ସଂପୂର୍ଣ୍ଣ ବଦଳି ଯାଇଛି। କେନ୍ଦ୍ର ସରକାର ନୀତିଗତ ନିଷ୍ପତ୍ତି ଗ୍ରହଣ କରି ଅଧିକରୁ ଅଧିକ ସାର ବିଦେଶରୁ ଆମଦାନୀ କରୁଛନ୍ତି ଏବଂ ଏହା ବର୍ତ୍ତମାନ ଅତ୍ୟନ୍ତ ଚିନ୍ତାଜନକ ଅବସ୍ଥାରେ ପହଂଚିଛି। ଫସଫେଟ ଓ ପଟାସ ସାର କ୍ଷେତ୍ରରେ ଦେଶ ବର୍ତ୍ତମାନ ସଂପୂର୍ଣ୍ଣ ରୂପେ ଆମଦାନୀ ନିର୍ଭର। ପ୍ରୟୋଜନୀୟ ଡିଏପି ସାରର ଶତକଡା ୬୦ଭାଗ ଏବଂ ଏମ୍‌ଓପିର ଶତକଡା ୧୦୦ ଶତାଂଶ ବର୍ତ୍ତମାନ ଆମଦାନୀ କରିବାକୁ ହେଉଛି। ସାର ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ ହେଉଥିବା ସମସ୍ତ ଦ୍ରବ୍ୟ ବର୍ତ୍ତମାନ କେତୋଟି ବହୁଜାତୀୟ କମ୍ପାନୀର ସଂପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ଏହିସବୁ କଂଚାମାଲର ଦର ଉକ୍ତ କମ୍ପାନୀମାନେ ହିଁ ସ୍ଥିର କରନ୍ତି। ସେହି କମ୍ପାନୀମାନେ ହିଁ ଇଛା ଅନୁଯାୟୀ ସାରର ଦର ନିର୍ଦ୍ଧାରଣ କରନ୍ତି। ସାରା ବିଶ୍ୱରେ ଯେତେ ଏମ୍‌ଓପି ସାର ଆବଶ୍ୟକ ହୁଏ ତାର ଶତକଡା ୮୫ଭାଗ କାରବାର ମାତ୍ର ୭ଟି ବହୁଜାତୀୟ କମ୍ପାନୀ ନିୟନ୍ତ୍ରଣ କରନ୍ତି। ଏହି କମ୍ପାନୀମାନଙ୍କର ମୁନାଫାର କ୍ଷୁଧା ସାରର ଦରକୁ ଆହୁରି ବୃଦ୍ଧି କରୁଛି। ବିଶେଷଜ୍ଞ ମାନଙ୍କ ମତରେ ବର୍ତ୍ତମାନ ଅର୍ଥାତ୍ ୨୦୨୨-୨୩ ମସିହାରେ ଏହି ସବୁ କମ୍ପାନୀଗୁଡିକର ମୁନାଫାର ହାର ହେଉଛି ପ୍ରାୟ ଶତକଡା ୩୬ଭାଗ।

ବହୁଜାତୀୟ କମ୍ପାନୀମାନଙ୍କର ମୁନାଫା କ୍ଷୁଧା ବ୍ୟତୀତ ଆଉ ଏକ ବିଷୟ ମଧ୍ୟ ସାରର ଦରବୃଦ୍ଧିର କାରଣ। ସାର ମୁଖ୍ୟତଃ ଆମଦାନୀ କରିବାକୁ ହେଉଥିବାରୁ ଏଥିପାଇଁ ମାର୍କିନ ଡଲାର ଖର୍ଚ୍ଚ କରିବାକୁ ହୁଏ। ମାତ୍ର ମାର୍କିନ ଡଲାର ତୁଳନାରେ ଭାରତୀୟ ଟଙ୍କାର ଦାମ କ୍ରମାଗତ କମି ଚାଲିଛି। ସେଥିପାଇଁ ସମାନ ପରିମାଣର ସାର ଖରିଦ୍ କରିବା ପାଇଁ ମଧ୍ୟ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ହେଉଛି। ଏହାଫଳରେ ସାରର ଦାମ ଆହୁରି ବୃଦ୍ଧି ପାଉଛି। ଏହା ସହିତ ଯୁକ୍ତ ରହିଛି କଳାବଜାରୀ।

କେବଳ ସାର ନୁହେଁ ବିହନ, କୀଟନାଶକ ଓ କୃଷି ଯନ୍ତ୍ରପାତି କ୍ଷେତ୍ରରେ ସମାନ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ୨୦୨୫ କେନ୍ଦ୍ରୀୟ ବଜେଟ୍

### ଏକ ଚିରାଚରିତ ପ୍ରତାରଣା-ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)

କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଫେବୃୟାରୀ ୧ତାରିଖରେ ସଂସଦରେ ଉପସ୍ଥାପନ କରାଯାଇଥିବା ୨୦୨୫ କେନ୍ଦ୍ରୀୟ ବଜେଟ ଉପରେ ତତ୍‌କାଳ ପ୍ରତିକ୍ରିୟା ପ୍ରକାଶ କରି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସାଧାରଣ ସଂପାଦକ କମ୍ରେଡ ପ୍ରଭାସ ଘୋଷ ଏକ ପ୍ରେସ ଇସ୍ତାହାରରେ ଉଲ୍ଲେଖ କରିଛନ୍ତି ଯେ- ଯେଭଳି ପୂର୍ବାନୁମାନ କରାଯାଉଥିଲା ଠିକ ସେହିଭଳି ଚଳିତ ବର୍ଷର କେନ୍ଦ୍ରୀୟ ବଜେଟ ସଂଖ୍ୟାର ଭେଳିକ ଏବଂ ବାଗାଡମ୍ବର ମାଧ୍ୟମରେ କେନ୍ଦ୍ର ବିଜେପି ସରକାରର ସଫଳତା ସଂପର୍କିତ କପୋଳକଳ୍ପିତ ଦାବିର ଚିରାଚରିତ କୋଳାହଳ ବ୍ୟତୀତ ଅନ୍ୟକିଛି ନୁହେଁ। ଏହି ବଜେଟରେ ଦେଶର ସାଧାରଣ ଲୋକ ସମ୍ମୁଖୀନ ହେଉଥିବା ଜ୍ୱଳନ୍ତ ସମସ୍ୟାବଳୀର ସମାଧାନ ପାଇଁ କୌଣସି ବ୍ୟବସ୍ଥା ଘୋଷଣା କରାଯାଇନାହିଁ। ଏହି ବଜେଟରେ ନୂତନ ନିଯୁକ୍ତି ସୃଷ୍ଟି କରିବା ଓ ଜନସାଧାରଣଙ୍କର ଅର୍ଥନୈତିକ ମାନକୁ ଉନ୍ନତ କରିବାର ଘୋଷିତ ଲକ୍ଷ୍ୟରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସଂପର୍କିତ ଘୋଷଣା ବିଗତ ବଜେଟରେ କରାଯାଇଥିବା ଘୋଷଣା ଠାରୁ ଭିନ୍ନ ନୁହେଁ। ପୂର୍ବବର୍ଷ ବଜେଟରେ କରାଯାଇଥିବା ଘୋଷଣା କିଭଳି ଦୟନୀୟ ଭାବରେ ବିଫଳ ହୋଇଛି ତାହା ସମସ୍ତେ ଜାଣନ୍ତି। ସରକାରୀ-ଘରୋଇ ସହଭାଗୀତା (Public Private Partnership - PPP) ବ୍ୟବସ୍ଥାର ବ୍ୟାପକ ପ୍ରଚଳନ, ବୀମା କ୍ଷେତ୍ରରେ ଶତକଡା ୧୦୦ ବିଦେଶୀ ପୁଞ୍ଜି ବିନିଯୋଗର ସୁଯୋଗ, ରାଷ୍ଟ୍ରାୟତ୍ତ କ୍ଷେତ୍ରର ଅଧିକରୁ ଅଧିକ ଘରୋଇକରଣ ହେଉଛି ଚଳିତ ବର୍ଷର ବଜେଟର ମୁଖ୍ୟଦିଗ। ଏହି ସମସ୍ତ ପଦକ୍ଷେପ ବଜେଟକୁ ନିଶ୍ଚିତ ଭାବରେ ଘରୋଇକରଣମୁଖୀ ପ୍ରମାଣିତ କରୁଛି।

ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି ଓ ଅନ୍ୟାନ୍ୟ ଜନମଙ୍ଗଳକାରୀ କ୍ଷେତ୍ରରେ ବାସ୍ତବରେ କେତେ ବ୍ୟୟବରାଦ କରାଯାଇଛି ସେହି ପରିମାଣ ଅତ୍ୟନ୍ତ ଚତୁରତାର ସହିତ ବଜେଟ ଅଭିଭାଷଣରେ ଉଲ୍ଲେଖ କରାଯାଇନାହିଁ। କେବଳ ବ୍ୟକ୍ତିଗତ ଆୟକରରେ ରିହାତି ଘୋଷଣା ମାଧ୍ୟମରେ ମଧ୍ୟବିତ୍ତ ଶ୍ରେଣୀର କ୍ରୋଧକୁ ସାମାନ୍ୟ ପ୍ରଶମିତ କରିବା ପାଇଁ ଉଦ୍ୟମ କରାଯାଇଛି। ଦେଶରେ କମିଚାଲିଥିବା ଘରୋଇ ଖର୍ଚ୍ଚ ଏବଂ ଏହା ଫଳରେ ଖାଉଟି ସାମଗ୍ରୀର ବିକ୍ରିରେ ଦେଖାଦେଇଥିବା ହ୍ରାସକୁ ଯେକୌଣସି ଭାବରେ ରୋକିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏନ୍‌ଡିଏ ମେଣ୍ଟର ଅଂଶୀଦାର ନିତୀଶ କୁମାରଙ୍କୁ ଖୁସି କରିବାପାଇଁ ନିର୍ବାଚନ ମୁହାଁ ବିହାର ପାଇଁ କେତୋଟି ପ୍ରକଳ୍ପ ଘୋଷଣା କରାଯାଇଛି। ବଜେଟ ନାଁରେ ଦେଶର ଜନସାଧାରଣଙ୍କ ପ୍ରତି କରାଯାଇଥିବା ଏହି ଧରଣର ବିଦ୍ରୂପକୁ ଆମେ ତୀବ୍ର ନିନ୍ଦା କରୁଛୁ ଏବଂ ଏହି ଜନବିରୋଧୀ ଓ କର୍ପୋରେଟ ସେବାକାରୀ ବଜେଟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଦେଶବାସୀଙ୍କୁ ନିବେଦନ କରୁଛୁ।

### ଭିତର ପୃଷ୍ଠାରେ


- ★ ପୁଣି କମ୍ପାନୀର ଲୋଲୁପ ଦୃଷ୍ଟିରେ ରତ୍ନଗର୍ଭା ଗନ୍ଧମାର୍ଦ୍ଦନ
- ★ ନୂତନ ଜାତୀୟ କୃଷି ବଜାର ନୀତି ସଂପର୍କିତ ଚିଠା କାର୍ଯ୍ୟତଃ ବାତିଲ ହୋଇଥିବା ତିନୋଟି ଜନବିରୋଧୀ, କୃଷକ ବିରୋଧୀ କଳା ଆଇନର ପୁନଃ ପ୍ରବର୍ତ୍ତନ
- ★ ସପ୍ତାହରେ ୯୦ଘଣ୍ଟା କାମ କରିବା ପ୍ରସ୍ତାବକୁ ଏଆଇୟୁଟିୟୁସିର ତୀବ୍ର ବିରୋଧ)
- ★ କୃଷୀ-ଖସଡା ବାତିଲ ପାଇଁ ଏଆଇକେକେଏମ୍‌ଏସ୍‌ର କେନ୍ଦ୍ର ସରକାରଙ୍କୁ ଚିଠି

# ପୁଣି କମ୍ପାନୀର ଲୋଲୁପ ଦୃଷ୍ଟିରେ ରତ୍ନଗର୍ଭା ଗନ୍ଧମାର୍ଦ୍ଦନ

**"ମା ମାଏଟକେ ନାଇଁ କରିଦେଉ ମରୁସ୍ଥାନ**
**ଗଲେ ପଛେ ଯାଉ ଜାନ"**
**"ଜାନ ଯାଉ ଯାଉ ଜୀବନ ଯାଉ**
**ଗନ୍ଧମାର୍ଦ୍ଦନ ବଂଚି ଥାଉ"**
**"କାନ ଖୁଲିକରି ସୁନ ସରକାର**
**ଆଦାନୀ କମ୍ପାନୀ ଆମକୁ ନେଇ ଦରକାର"**

ଗନ୍ଧମାର୍ଦ୍ଦନ ପର୍ବତମାଳାର ଘୋର ଅରଣ୍ୟ, ପାହାଡ ଗୁମ୍ଫାରୁ ଭାସି ଆସୁଛି ହଜାର ହଜାର ସଂଗ୍ରାମୀ ଜନତାର ଏହି ଉଦ୍ଦାମ କଣ୍ଠସ୍ୱର । ପୁଣି ଲୋକେ ମେଳି ବାନ୍ଧୁଛନ୍ତି, ଗନ୍ଧମାର୍ଦ୍ଦନକୁ କମ୍ପାନୀର ଲୋଲୁପ ଦୃଷ୍ଟିରୁ ବଂଚାଇବା ପାଇଁ ପ୍ରତିଜ୍ଞାବଦ୍ଧ ହେଉଛନ୍ତି । ଏକ ଦୀର୍ଘସ୍ଥାୟୀ ଶକ୍ତିଶାଳୀ ଗଣଆନ୍ଦୋଳନର ପ୍ରସ୍ତୁତି ପାଇଁ ପ୍ରସ୍ତୁତ ହେଉଛନ୍ତି । ୮୦ଦଶକରେ 'ବାଲକୋ ହଟାଓ', 'ଗନ୍ଧମାର୍ଦ୍ଦନ ବଚାଓ' ଆନ୍ଦୋଳନର ଜଣେ ଯୁବ ସଂଗ୍ରାମୀ, ଆଜି ବୃଦ୍ଧ କିନ୍ତୁ ଯୌବନର ତେଜ ନେଇ ସିଂହ ଭାବ ଦେଇ ସରକାରଙ୍କୁ ଚେତାବନୀ ଶୁଣାଇ କହିଛନ୍ତି, "ସେଦିନ ବାଲକୋ ଅସୁରକୁ ହଟାଇଛୁ, ଏଥର ଆଉ ଏକ ମହାସୁର ଆସିଛି, ଆଦାନୀ, ତାକୁ ମଧ୍ୟ ହଟାଇବୁ । ଜାନ ଦେଇ, ରକ୍ତ ଦେଇ ରତ୍ନଗର୍ଭା ଗନ୍ଧମାର୍ଦ୍ଦନକୁ ବଂଚାଇବୁ । ସେଦିନ କଂଗ୍ରେସ ସରକାର ପଛକୁ ହଟିଥିଲା, ଏଥର ବିଜେପିର ଡବଲ ଇଞ୍ଜିନ ସରକାର ମଧ୍ୟ ପଛକୁ ହଟିବ ।" ବାଲକୋ ଆନ୍ଦୋଳନର ଆଉ ଜଣେ ସଂଗ୍ରାମୀ ନେତା ସ୍ୱାମୀ ଶ୍ରୀ ଜ୍ଞାନାନନ୍ଦ ସରସ୍ୱତୀଙ୍କ ସେଦିନର କଥା ଆଜି ମଧ୍ୟ ଉଚ୍ଚାରିତ ହେଉଛି, "ଈଶ୍ୱରଙ୍କୁ ବିଶ୍ୱାସ କରୁଥିବା ଲୋକେ କେବେ ମଧ୍ୟ ଅନ୍ୟାୟ, ଅତ୍ୟାଚାର, ଶୋଷଣ, ଦୁର୍ନୀତି ଓ ବ୍ୟଭିଚାର ଆଦି କୁକର୍ମକୁ ବରଦାସ୍ତ କରିପାରନ୍ତି ନାହିଁ । ସତ୍ୟ ଓ ନ୍ୟାୟକୁ ଶକ୍ତିଶାଳୀ କରିବା ପାଇଁ ନିର୍ଭୀକଭାବେ ଈଶ୍ୱରଙ୍କ ଆଦେଶ ପାଳନ କରନ୍ତି ।" ମୁଖେ ମୁଖେ ପ୍ରଶ୍ନ ଉତ୍ଥାପିତ ହୋଇଛି, 'ଏତେ ଧର୍ମ ଧର୍ମ ହେଉଥିବା ବିଜେପି ଦଳ ଶାସନ ଗାଦିରେ ବସିଲାପରେ ଜନଗଣଙ୍କର ଧର୍ମୀୟ ଆବେଗ ବିଜଡିତ ଗନ୍ଧମାର୍ଦ୍ଦନକୁ ଆଦାନୀ ହାତରେ ଟେକି ଦେଇ ଏହାର ସଂପୂର୍ଣ୍ଣ ଧ୍ୱଂସ ସାଧନ କରିବାର ଚକ୍ରାନ୍ତକାପୂର୍ଣ୍ଣ ଷଡଯନ୍ତ୍ର କିପରି କରିଛି ? ଇଏତ ମୁହେଁ ରାମ ନାମ ବଗଲେ ଛୁରୀ ? ଲୋକେ ବୁଝିଲେଣି ଏମାନଙ୍କର ଧର୍ମ ସହିତ କୌଣସି ସଂପର୍କ ନାହିଁ । ଏମାନଙ୍କର ସଂପର୍କ ଖାଲି ଭୋଟ ଆଉ ଶାସନ ଗାଦି ସହିତ । ଏମାନଙ୍କର ନୀତି ହେଲା, ଲୋକଙ୍କର ଧର୍ମୀୟ ଆବେଗକୁ କାମରେ ଲଗେଇ କ୍ଷମତା ହାସଲ କରିବା ଆଉ କ୍ଷମତାକୁ ଆସି ପୁଞ୍ଜିପତିମାନଙ୍କର ସେବା କରିବା, ସେମାନଙ୍କ ସ୍ୱାର୍ଥରେ ହିଁ ଲୋକଙ୍କର ସ୍ୱାର୍ଥକୁ ବଳି ପକାଇବା, ସେମାନଙ୍କର ଜୀବନ-ଜୀବିକା, ପ୍ରକୃତି ଓ ପରିବେଶକୁ ଧ୍ୱଂସ କରିବା । ବିଜେପି ଦଳର ନୀତି ତ ସେହି କଥା କୁହେ । ତେଣୁ ଆଜି ଗନ୍ଧମାର୍ଦ୍ଦନ ପାର୍ବତ୍ୟାଞ୍ଚଳର ଖଟିଖିଆ ସାଧାରଣ ମଣିଷ ଏପରିକି ସତ ଧର୍ମ ବିଶ୍ୱାସୀ ସାଧୁସନ୍ଥ ଓ ସମସ୍ତ ସ୍ତରର ଶୁଭବୁଦ୍ଧି ସଂପନ୍ନ ଜନଗଣ, ପ୍ରକୃତି ପ୍ରେମୀ ସଚେତନ ନାଗରିକ ଗୋଟିଏ କଣ୍ଠରେ ଗାଉଛନ୍ତି,

**"ମାଟିର ଶରୀର ମିଶିବ ମାଟି**
**କେହିତ ନୁହେଁ ଆମର**
**ସତ୍ୟ ଧରମ ମହତ କର୍ମେ**
**ହୁଅ ବେଗେ ଆଗୁସାର"**

## ରତ୍ନଗର୍ଭା ଗନ୍ଧମାର୍ଦ୍ଦନ

ବଲାଙ୍ଗୀର-ବରଗଡ-ନୂଆପଡା, ଏହି ତିନୋଟି ଜିଲ୍ଲାକୁ ବ୍ୟାପ୍ତ କରି ଗନ୍ଧମାର୍ଦ୍ଦନ ପାର୍ବତ୍ୟମାଳା ଅବସ୍ଥିତ । ଏହାର ହାରାହାରି କ୍ଷେତ୍ରଫଳ ୨୦,୦୦୦ ହେକ୍ଟର । ଏହାର ଗର୍ଭରେ ରହିଛି ଉନ୍ନତମାନର ବିପୁଳ ବକ୍ସାଇଟ । ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡିଛି ଯେ, ଏହାର ପରିମାଣ ୨୩୦ନିୟୁତ ମାଟ୍ରିକ ଟନରୁ ଊର୍ଦ୍ଧ୍ୱ । ଏଠି ରହିଛି ୨୨ଟି ଚିରସ୍ରୋତା ଝରଣା, ଯେଉଁଠୁ ତିନୋଟି ନଦୀ ଅଂଗ, ସୁକତେଲ ଓ ଲାନ୍ଥ ପ୍ରବାହିତ ହୋଇ ମହାନଦୀରେ ମିଶିଛି । ତେଣୁ ଏହି ପର୍ବତକୁ ମଧୁର ସମୁଦ୍ର ବି କୁହାଯାଏ । ପୁଣି ଏଠି ରହିଛି ବିସ୍ତୃତ ଅଂଚଳବ୍ୟାପୀ ଘଞ୍ଚ ଅରଣ୍ୟ । ଗବେଷକମାନଙ୍କ ମତରେ ଗନ୍ଧମାର୍ଦ୍ଦନର ଏକ ବଡ ମହତ୍ତ୍ୱ ହେଲା, ଏଠିଥିବା ଦୁଇଶହରୁ ଊର୍ଦ୍ଧ୍ୱ ବନୌଷଧି ଯାହା ଅନ୍ୟତ୍ର କେଉଁଠି ଦେଖାଯାଏ ନାହିଁ । ଫଳରେ ଗନ୍ଧମାର୍ଦ୍ଦନ କେବଳ ଆମ ରାଜ୍ୟ ବା ଦେଶରେ ନୁହେଁ, ପୃଥିବୀ ମାନଚିତ୍ରରେ ଏକ ବିଶେଷ ସ୍ଥାନ ଅଧିକାର କରିଛି । ଅନ୍ୟଦିଗରେ ଦେଶୀ ବିଦେଶୀ କମ୍ପାନୀମାନଙ୍କ ଲୋଲୁପ ଦୃଷ୍ଟିରେ ବି ଏହି ରତ୍ନଖଚିତ ପର୍ବତ ବି ପଡିଛି । ଯାହାଫଳରେ ବାରମ୍ବାର ବିପଦ ଘନେଇ ଆସିଛି ଓ ଗନ୍ଧମାର୍ଦ୍ଦନ କୋଳରେ ଥିବା ଏହାର ବୀର ସନ୍ତାନମାନେ ନିଜ ମା ପରି ଏହି ପର୍ବତକୁ ରକ୍ଷା କରିଛନ୍ତି । ରକ୍ତକ୍ଷୟୀ ସଂଗ୍ରାମର ନଜିର ସୃଷ୍ଟି କରିଛନ୍ତି ।

## ବାଲକୋ ବିରୋଧି ଆନ୍ଦୋଳନର ଏକ ଝଲକ

୧୯୮୫ ମସିହାରେ ରାଜ୍ୟ ଓ କେନ୍ଦ୍ରରେ ଥିବା ତତ୍କାଳୀନ କଂଗ୍ରେସ ସରକାର ଗନ୍ଧମାର୍ଦ୍ଦନ ପର୍ବତରେ ବକ୍ସାଇଟ ଖନନ ପାଇଁ ବାଲକୋ(ଭାରତ ଆଲୁମିନିୟମ କମ୍ପାନୀ)କୁ ଅନୁମିତ ଦେଇଥିଲା । କମ୍ପାନୀ ମଧ୍ୟ ବହୁଦୂର ଅଗ୍ରସର ହୋଇଯାଇଥିଲା । ପର୍ବତ ଉପରେ ରାସ୍ତା ନିର୍ମାଣ ଏପରିକି ରେଳପଥ ନିର୍ମାଣ ପାଇଁ ରାସ୍ତାକାମ ବି ଆରମ୍ଭ କରିଦେଇଥିଲା । ପଦ୍ମପୁର ପାଇକମାଳ ରାସ୍ତାରେ କଲୋନୀ ଘର ମଧ୍ୟ ନିର୍ମାଣ କରିଦେଇ ଥିଲା । କୁହାଯାଇପାରେ ପୁରା ଦମ୍‌ରେ ବକ୍ସାଇଟ ଖନନ ପାଇଁ ଆବଶ୍ୟକୀୟ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିଲା । ତେବେ ଏ ଅଂଚଳର ସଂଗ୍ରାମୀ ଜନସାଧାରଣ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଗଠନ କରି ଶକ୍ତିଶାଳୀ ଦୀର୍ଘସ୍ଥାୟୀ ଆନ୍ଦୋଳନ ସଂଗଠିତ କରିଥିଲେ । ବିଭିନ୍ନ ସ୍ତରର ବୁଦ୍ଧିଜୀବୀ, ସମସ୍ତ ସ୍ତରର ଶୁଭବୁଦ୍ଧି ସଂପନ୍ନ ଜନଗଣ ଏ ଆନ୍ଦୋଳନକୁ ଖାଲି ସମର୍ଥନ କରିଥିଲେ ତା' ନୁହେଁ, ଆନ୍ଦୋଳନ ଗଢିତୋଳିବା କ୍ଷେତ୍ରରେ ସକ୍ରିୟ ଭୂମିକା ପାଳନ କରିଥିଲେ । ଏ ଆନ୍ଦୋଳନ ଏକ ଶକ୍ତିଶାଳୀ ଜନଆନ୍ଦୋଳନରେ ପରିଣତ ହୋଇଥିଲା । ସେଦିନର ଆନ୍ଦୋଳନର ଜଣେ ଯୁବତୀ ସଂଗ୍ରାମୀ ମହିଳା ଜାମ୍ବୋବତୀ ବିରିଜା କିପରି ନିଜର ଶିଶୁ ସନ୍ତାନକୁ ଜିଲ୍ଲାପାଳଙ୍କ ଗାଡି ଚକାତଳେ ଶୁଆଇ ଦେଇ ଓ ନିଜେ ଗାଡି ସାମ୍ନାରେ ଶୋଇଯାଇ ଗାଡିକୁ ଆଗକୁ ଗଡିବାକୁ ଦେଇନଥିଲା ଓ ଜିଲ୍ଲାପାଳଙ୍କୁ ଫେରିଯିବାକୁ ବାଧ କରିଥିଲା । ସେହି ରୋମାଞ୍ଚକର ଘଟଣା ବର୍ତ୍ତମାନ ୮୦ବର୍ଷ ବୟସରେ ଜଣେ ଯୁବତୀ ତେଜନେଇ ଗଣମାଧ୍ୟମ ପ୍ରତିନିଧି ସାମ୍ନାରେ ପ୍ରକାଶ କରିଛନ୍ତି । ଆହୁରି ବି କହିଛନ୍ତି ଏବେ ବି ସେ ଜୀବିତ । ତା'ର ହାଡ କଙ୍କାଳରେ ଏବେ ବି ଶକ୍ତି ଅଛି । ଗନ୍ଧମାର୍ଦ୍ଦନକୁ ବଂଚାଇବା ପାଇଁ ଜୀବନ ଦେଇ ଲଢିବ । ଦୀର୍ଘ ୪ବର୍ଷର ଜନଗଣଙ୍କ ବୀରତ୍ୱପୂର୍ଣ୍ଣ ଆନ୍ଦୋଳନ ସମ୍ମୁଖରେ ତତ୍କାଳୀନ କଂଗ୍ରେସ ସରକାର ମୁଣ୍ଡ ନୁଆଁଇଥିଲା । ସରକାରଙ୍କ ସମସ୍ତ ଦମନ ନୀତି, ଆକ୍ରମଣ, ମିଥ୍ୟା ପ୍ରତିଶ୍ରୁତି ଓ ପ୍ରଲୋଭନ ସବୁକିଛି ବ୍ୟର୍ଥ ହେଇଥିଲା । ସେଦିନର କଂଗ୍ରେସ ସରକାର ବୁଝାମଣା ପତ୍ର ବାତିଲ କରିବା ଓ ବାଲକୋ ପଛକୁ ହଟିବାକୁ ବାଧ ହେଇଥିଲା । ତେଣୁ ଲୋକେ ଆଜି ମଧ୍ୟ କୁହନ୍ତି, "ପଦ୍ମପୁର ପାଇକମାଳରୁ ନୃସିଂହ ନାଥ ମନ୍ଦିର ରାସ୍ତାରେ ପରିତ୍ୟକ୍ତ ବାଲକୋ କଲୋନୀ ଏହି ସଫଳ ଆନ୍ଦୋଳନର ମୂକ ସାକ୍ଷୀ ହୋଇ ସେହି ଗୌରବୋଜ୍ଜ୍ୱଳ ଆନ୍ଦୋଳନର ଅମର କାହାଣୀ ଆଜିର ନୂତନ ପ୍ରଜନ୍ମକୁ ଯେମିତି ଶୁଣାଉଛି ଓ ଆନ୍ଦୋଳନରେ ପୁଣି ଝାମ୍ପି ପଡିବାକୁ ଆହ୍ୱାନ ଜଣାଉଛି ।"

## ଆଦାନୀକୁ ଦେବାପାଇଁ ସରକାରଙ୍କ ନୂଆ ଚାଲ

ଏହାପରେ ମଧ୍ୟ ବିଭିନ୍ନ ସମୟରେ ବିଭିନ୍ନ ସରକାରମାନେ ଗନ୍ଧମାର୍ଦ୍ଦନରେ ବକ୍ସାଇଟ ଖନନ ପାଇଁ ବିଭିନ୍ନ କମ୍ପାନୀକୁ ଦେବା ନିମିତ୍ତ ବହୁ ଷଡଯନ୍ତ୍ର କରି ସଫଳ ହୋଇପାରିନାହାନ୍ତି । ନବେ ଦଶକରୁ ବିଶେଷ କରି ଜଗତୀକରଣ ଅର୍ଥନୀତି ଲାଗୁହେବା ପରେ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଥିବା ସରକାରମାନେ ଜନଗଣଙ୍କର ସଂପତ୍ତି, ଚାଷ ଜମି, ଭିଟାମାଟି, ମୂଲ୍ୟବାନ ଖଣି ଓ ଅନ୍ୟାନ୍ୟ ପ୍ରାକୃତିକ ସଂପଦ ଆଦି ଦେଶୀ ବିଦେଶୀ କମ୍ପାନୀ, ଖଣି ମାଲିକମାନଙ୍କ ହାତରେ ଟେକି ଦେବାପାଇଁ ନୂଆ ନୂଆ କୌଶଳମାନ ଅବଲମ୍ବନ କଲେ । ଏହି କ୍ରମରେ ପୂର୍ବର ବିଜେଡି ବିଜେପି ମିଳିତ ସରକାର ଗନ୍ଧମାର୍ଦ୍ଦନରେ ବକ୍ସାଇଟ ଖନନ ପାଇଁ କଣ୍ଟିନେଣ୍ଟାଲ ରିସୋର୍ଟ, ନାଲକୋ, ବେଦାନ୍ତ ସମେତ ବିଭିନ୍ନ କମ୍ପାନୀଙ୍କର ଆବେଦନ ପତ୍ର ଗ୍ରହଣ କରିଥିଲେ । ତେବେ ଦୃଢ ଜନମତ ଓ ଐତିହାସିକ ସଫଳ ବାଲକୋ ବିରୋଧି ଆନ୍ଦୋଳନର ପ୍ରଭାବ ଯୋଗୁ ଏ ଦିଗରେ ସରକାର ବେଶୀ ଦୂର ଆଗେଇ ପାରିନଥିଲେ । ତେବେ ବର୍ତ୍ତମାନ ରାଜ୍ୟରେ ନିଜର ଏକକ ଶକ୍ତିରେ ପ୍ରଥମଥର ପାଇଁ ସରକାର ଗଢିଥିବା ବିଜେପି କ୍ଷମତାକୁ ଆସିବା ସଙ୍ଗେ ସଙ୍ଗେ ହିଁ ଆଦାନୀକୁ ଗୋପାଳପୁର ବନ୍ଦର ହସ୍ତାନ୍ତର କରିଦେଲା । କୌଣସି ଆଇନକାନୁନକୁ ପରୱା ନକରି ଗ୍ରାମ ସଭାର ବିନା ସମ୍ମତିରେ ବି କୋରାପୁଟ ଜିଲ୍ଲାର ଦୁଇଟି ପର୍ବତକୁ ଆଦାନୀ କମ୍ପାନୀକୁ ଲିଜ ଦେଇ ଦେଲା । ତେବେ ଗନ୍ଧମାର୍ଦ୍ଦନ କ୍ଷେତ୍ରରେ ସରକାର ଏକ ନୂଆ ଚାଲ ଖେଳିଛନ୍ତି । ଅନ୍ୟାନ୍ୟ କ୍ଷେତ୍ରରେ ସରକାରୀ ତଥ୍ୟରୁ କମ୍ପାନୀକୁ ଦେବା ସ୍ପଷ୍ଟ ବୁଝାପଡେ । ଏଠି କିନ୍ତୁ ସେଭଳି ହୋଇନାହିଁ । ରାଜ୍ୟ ସରକାରଙ୍କ ତରଫରୁ ଉପମୁଖ୍ୟମନ୍ତ୍ରୀ ତଥା ଗନ୍ଧମାର୍ଦ୍ଦନ ଅନ୍ତର୍ଗତ ପାଟଣାଗଡ ବିଧାନସଭା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଧାୟକ କନକ ବର୍ଦ୍ଧନ ସିଂହଦେଓ କହିଚାଲିଛନ୍ତି, ଗନ୍ଧମାର୍ଦ୍ଦନକୁ କୌଣସି ପରିସ୍ଥିତିରେ ବି କମ୍ପାନୀକୁ ଦିଆଯିବ ନାହିଁ । ବକ୍ସାଇଟ ଖନନ ପାଇଁ କାହାରିକୁ ଅନୁମିତ ଦିଆଯାଇ ନାହିଁ ବା ଦିଆଯିବ ନାହିଁ । ବରଗଡର ବିଜେପି ଏମ୍‌ପି ପ୍ରଦୀପ ପୁରୋହିତ ମଧ୍ୟ ଏହି ସମାନ କଥା କହୁଛନ୍ତି । ତେବେ ଧିରେ ଧିରେ ଅସଲ କଥା ପଦାରେ ପଡିଗଲା । ଆଦାନୀ ନିଜର ଏକ କମ୍ପାନୀ 'ମହାନଦୀ ମିନେରାଲ ଲିମିଟେଡ' ନାମରେ ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଗନ୍ଧମାର୍ଦ୍ଦନର ପାର୍ଶ୍ୱବର୍ତ୍ତୀ ଅଂଚଳର ଶହ ଶହ ଏକର ଜାଗା କିଣିବା, ଲୋକଙ୍କ ଜାଗାକୁ ପଟ୍ଟା କରିନେବା ଖବର ଲୋକଲୋଚନକୁ ଆସିଲା । ଏହା ଯେ ସରକାର, ପ୍ରଶାସନ ଓ ବନ ବିଭାଗର ଖାଲି ଜାଣତରେ ନୁହେଁ, ପ୍ରତ୍ୟକ୍ଷ ମଦତ୍‌ରେ ହେଇଛି, ତାହା ଜଣା ପଡିଗଲା । ଗଳାବାଟ ଦେଇ ଆଦାନୀକୁ ଆଣିବାର ଏହି ଚତୁର ପଦକ୍ଷେପ ବି ଧରା ପଡିଗଲା । ଏହି ବିଷୟକୁ ନେଇ ବିଭିନ୍ନ ସ୍ତରରେ ପୁଣି ଚର୍ଚ୍ଚା ଆରମ୍ଭ ହେଲା । ଜନ ଅସନ୍ତୋଷ ଦାନା ବାନ୍ଧିଲା । ଆନ୍ଦୋଳନ ମୁଣ୍ଡ ଟେକିଲା । ଛାତ୍ର, ଶିକ୍ଷକ, ବୁଦ୍ଧିଜୀବୀ ମହଲରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବୌଦ୍ଧିକ ଆଲୋଚନା ଚାଲିଲା । ଗଣମାଧ୍ୟମରେ ଲେଖା ମାନ ପ୍ରକାଶିତ ହେଲା । ବାଲକୋ ଆନ୍ଦୋଳନର ସେହି ସଂଗ୍ରାମୀମାନଙ୍କର କଣ୍ଠସ୍ୱର ଗର୍ଜିଉଠିଲା । ଯାହାଫଳରେ ଗନ୍ଧମାର୍ଦ୍ଦନ ପର୍ବତ ପୁଣି ଏକ ଚର୍ଚ୍ଚିତ ପ୍ରସଙ୍ଗ ହେଲା । ସେତେବେଳେ ରାଜ୍ୟ ସରକାର ସଫେଇ ଦେଲେ, ଏହି ଜମି କିଣା ପଛରେ ଖଣି ଖନନର କୌଣସି ଉଦ୍ଦେଶ୍ୟ ନାହିଁ । ଏହା ହେଉଛି 'କ୍ଷତିପୂରଣ ବନିକରଣ' । କମ୍ପାନୀ ବନ ବିଭାଗ, ସରକାର, ମନ୍ତ୍ରୀ, ବିଧାୟକ, ଏମ୍‌ପି ସରକାରଙ୍କ ଭାଟ ସାଜିଥିବା କିଛି ତଥାକଥିତ ବୁଦ୍ଧିଜୀବୀ ସମସ୍ତେ ଗୋଟିଏ ସ୍ୱରରେ କହିଲେ, 'ଖଣି ଖନନ ନୁହେଁ, କ୍ଷତିପୂରଣ ବନୀକରଣ' । ପ୍ରଶ୍ନ ଉଠିଲା, 'କ୍ଷତିପୂରଣ କ'ଣ ?' ସରକାର ଯୁକ୍ତି ଦେଲେ 'ସୁନ୍ଦରଗଡ ଜିଲ୍ଲାରେ ହେଉଥିବା ଶିଳ୍ପ କାରଖାନା, ଖଣି ଖନନ ଯୋଗୁ ଯେଉଁ ପରିବେଶ ନଷ୍ଟ ହେଉଛି, ବ୍ୟାପକ ଜଙ୍ଗଲ ଧ୍ୱଂସ ହେଉଛି, ସେହି କ୍ଷତିକୁ ଭରଣା କରିବା ପାଇଁ ଏହି 'କ୍ଷତିପୂରଣ ବନୀକରଣ' ଏବଂ ଏହି ଉଦ୍ଦେଶ୍ୟରେ ହିଁ ଜମି କିଣା ।' କି ହାସ୍ୟାସ୍ପଦ ଯୁକ୍ତି ! ସୁନ୍ଦରଗଡ ଜିଲ୍ଲାର ପରିବେଶର କ୍ଷତି ଭରଣା ହେବ ଶହ ଶହ କିମି ଦୂରରେ ଅନ୍ୟ ଜିଲ୍ଲାରେ ଅବସ୍ଥିତ ଗନ୍ଧମାର୍ଦ୍ଦନ ପର୍ବତର ଘଞ୍ଚ ଜଙ୍ଗଲ ମଧ୍ୟରେ ବନୀକରଣ ଦ୍ୱାରା ! ପ୍ରଶ୍ନ ଉଠିଲା, ଯଦି ବନୀକରଣ ସରକାରଙ୍କ ଲକ୍ଷ୍ୟ, ତେବେ ସରକାର ତ ସୁନ୍ଦରଗଡ ଜିଲ୍ଲାରେ 'କ୍ଷତିପୂରଣ ବନୀକରଣ' ଯୋଜନାରେ ସରକାରୀ ଉଦ୍ୟୋଗରେ ବ୍ୟାପକ ବନୀକରଣ କରିପାରିବେ ଓ ସେଥିପାଇଁ ପର୍ଯ୍ୟାପ୍ତ ସରକାରୀ ଖାଲି ସ୍ଥାନ ମଧ୍ୟ ଉପଲବ୍ଧ ଅଛି । ଏହା ନକରି ହଠାତ୍ ଗନ୍ଧମାର୍ଦ୍ଦନର ଘଞ୍ଚ ଜଙ୍ଗଲ ଅଂଚଳରେ ବନୀକରଣ, ସେଥିପାଇଁ ଆଦାନୀ ଭଳି ଏକ ଘରୋଇ କମ୍ପାନୀକୁ ଜମି କିଣିବାକୁ ଅନୁମୋଦନ କାହିଁକି ? ଏହା ପଛରେ କି ରହସ୍ୟ ରହିଛି ? ଏହା ମଧ୍ୟ ବୁଝିବାକୁ ଅସୁବିଧା ହେଲା ନାହିଁ । ଫଳରେ ଲୋକଙ୍କ ସମ୍ମୁଖରେ ସରକାରଙ୍କର ଅସଲ ନୀତି ସ୍ପଷ୍ଟ ହୋଇଗଲା । ଗନ୍ଧମାର୍ଦ୍ଦନକୁ ଆଦାନୀ ହାତରେ ଟେକି ଦେବାର ଏହା ଏକ ନୂତନ ଚାଲ । ଜଣେ ସାମ୍ବାଦିକ ଯଥାର୍ଥରେ କହିଛନ୍ତି, ଏ ହେଉଛି 'ବନୀକରଣର ମାୟା ।'

ଖାଲି ଏତିକି ନୁହେଁ, ବଲାଙ୍ଗୀର ଜିଲ୍ଲାର ପାଟଣାଗଡ ଓ ବେଲପଡା ବ୍ଲକ୍, ଗନ୍ଧମାର୍ଦ୍ଦନ ପର୍ବତର ପାର୍ଶ୍ୱବର୍ତ୍ତୀ ଅଂଚଳର ୨୦ଟି ଗ୍ରାମରେ ଗ୍ରାଫାଇଟ ଓ ମାଙ୍ଗାନିଜ ଖଣି ଖନନ ପାଇଁ ବିଭିନ୍ନ କମ୍ପାନୀ ସହିତ ରାଜ୍ୟ ସରକାର ବୁଝାମଣା କରିଥିବା ଖବର ମଧ୍ୟ ଇତିମଧ୍ୟରେ ଗଣମାଧ୍ୟମରେ ପ୍ରକାଶିତ ହୋଇଛି । ଏହି ଖଣି ଖନନ ହେଲେ ଉପରୋକ୍ତ ଗ୍ରାମଗୁଡିକ ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଯିବ ଓ ଲୋକେ ବିସ୍ଥାପିତ ହୋଇ ଉଦ୍‌ବାସ୍ତୁ ହୋଇଯିବେ । ଏଠି ମଧ୍ୟ ଆନ୍ଦୋଳନ ପାଇଁ ଲୋକେ ପ୍ରସ୍ତୁତ ହେଲେଣି । ତେଣୁ ଗନ୍ଧମାର୍ଦ୍ଦନ ସମେତ ସମଗ୍ର ଅଂଚଳକୁ ବିଭିନ୍ନ କମ୍ପାନୀ ମାନଙ୍କ ହାତରେ ଟେକି ଦେବା ପାଇଁ ସରକାରଙ୍କ ଚକ୍ରାନ୍ତକାପୂର୍ଣ୍ଣ ଯୋଜନାକୁ ବୁଝିବାରେ ଲୋକଙ୍କର ଆଉ ବାକି ନାହିଁ ।

## କ୍ଷତି ଅପରିସିମ

ଏହା ସର୍ବଜନବିଦିତ ଯେ, ଗନ୍ଧମାର୍ଦ୍ଦନ ପର୍ବତରେ ବକ୍ସାଇଟ ଖନନ ହେଲେ, ଗନ୍ଧମାର୍ଦ୍ଦନ ସଂପୂର୍ଣ୍ଣ ଧ୍ୱଂସ ପାଇବ । କିଛି କମ୍ପାନୀ ମାଲେ ମାଲ ହେବେ, ମାତ୍ର ଯେଉଁ ବିରାଟ କ୍ଷତି ହେବ ତାର କୌଣସି ଭରଣା ହୋଇ ପାରିବ ନାହିଁ । ଏହି ପର୍ବତମାଳାରୁ ବାହାରି ଥିବା ୨୨ଟି ଚିରସ୍ରୋତା ଝରଣା ସଂପୂର୍ଣ୍ଣ ଧ୍ୱଂସ ପାଇବ ଓ ଏହାର ପରିଣତିରେ ୩ଟି ମୂଲ୍ୟବାନ ନଦୀ ଅଙ୍ଗ, ସୁକତେଲ ଓ ଲାନ୍ଥ ନଦୀର ବି ଅପମୃତ୍ୟୁ ଘଟିବ । ଏଥିପାଇଁ ମହାନଦୀର ଜଳସ୍ତର ମଧ୍ୟ ହ୍ରାସ ପାଇବ । ଗବେଷକମାନେ କହୁଛନ୍ତି ମଧୁର ସମୁଦ୍ର କୁହାଯାଉଥିବା ଗନ୍ଧମାର୍ଦ୍ଦନ ଧ୍ୱଂସ ହେଲେ ଏ ଅଂଚଳରେ ସାହାରା ମରୁଭୂମିର ପରିସ୍ଥିତି ସୃଷ୍ଟି ହେବ । ମରୁଡିର ଚିର ସହଚର ବଲାଙ୍ଗୀର, ବରଗଡ ଓ ନୂଆପଡା ଜିଲ୍ଲାରେ ଦୁର୍ଭିକ୍ଷ ପଡିଯିବ । ତିନୋଟି ନଦୀର ଅପମୃତ୍ୟୁ ଯୋଗୁ, ସମୁଦ୍ରକୁ ଶଙ୍ଖେ ଭଳି ଥିବା ଜଳସେଚନ ବ୍ୟବସ୍ଥା ମଧ୍ୟ ସଂପୂର୍ଣ୍ଣ ଧ୍ୱଂସ ପାଇବ । ଜଳସ୍ତର ହ୍ରାସ ପାଇ କୂଅ-ପୋଖରୀ, ନଦୀ-ନାଳ ସବୁ ଶୁଖିଯିବ । ପାଣି ଟୋପାଏ ପାଇଁ ଲୋକେ ହାହାକାର କରିବେ । ବିଶାଳ ସବୁଜ ବନାନୀ ଧ୍ୱଂସ ପାଇଲେ ପ୍ରାକୃତିକ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ପୁଣି କମ୍ପାନୀର ଲୋଲୁପ . . .

*(୨ୟ ପୃଷ୍ଠାର ଅବଶିଷ୍ଟାଂଶ)*

ଭାରସାମ୍ୟ ବି ପ୍ରଭାବିତ ହେବ। ଏହାଦ୍ୱାରା କେବଳ ପଶ୍ଚିମାଞ୍ଚଳ ନୁହେଁ, ସମଗ୍ର ଓଡିଶା ଓ ପଡୋଶୀ ଛତିଶଗଡ ରାଜ୍ୟ ମଧ୍ୟ ପ୍ରଭାବିତ ହେବ। ଗନ୍ଧମାର୍ଦ୍ଦନ ଉପରେ ନିର୍ଭରଶୀଳ ଲକ୍ଷ ଲକ୍ଷ ଲୋକ ନିଜର ଜୀବନ-ଜୀବିକା ହରେଇବେ। ଏମିତି ତ ଏ ଅଂଚଳ ଦାଦନ ପ୍ରବଣ। ଗତ ସଂଖ୍ୟାରେ ଦାଦନ ଶ୍ରମିକଙ୍କ ଦୁର୍ଦ୍ଦଶା ଉପରେ ଏକ ବିସ୍ତୃତ ଲେଖା ପ୍ରକାଶିତ ହୋଇଛି। ଖଣିଖନନ ହେଲେ ଏ ପରିସ୍ଥିତି ତ ଆହୁରି ଭୟାବହ ହେବ। ଜନସାଧାରଣ, ପ୍ରକୃତି ଓ ପରିବେଶର ଯେତେ ସର୍ବନାଶ ହେଉ, କମ୍ପାନୀର ସେବା ଦାସ ରାଜ୍ୟ ଓ କେନ୍ଦ୍ରର ବିଜେପି ସରକାର। ଆଦାନୀ ଭଳି କିଛି ମୁଷ୍ଟିମେୟ କମ୍ପାନୀ ସ୍ୱାର୍ଥରେ ସେମାନେ ସବୁକିଛି କରିବାକୁ ବଦ୍ଧପରିକର। ତେବେ ଜନସାଧାରଣ ମଧ୍ୟ ଏହାର ଦୃଢ ଜବାବ ଦେବାକୁ ସଂକଳ୍ପବଦ୍ଧ ହେଲେଣି ଆନ୍ଦୋଳନର ରଣ ହୁଙ୍କାର ଦେଲେଣି।

### ଜନଗଣଙ୍କର ନ୍ୟାୟସଂଗତ ଦାବି ଦୀର୍ଘଦିନ ଧରି ଉପେକ୍ଷିତ

ସରକାର ଓ ଏମାନଙ୍କ ଭାଟ ସାଜିଥିବା କିଛି ବଡପଣ୍ଡା, ସରକାର ଓ କମ୍ପାନୀର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ସୃଷ୍ଟି କରାଯାଇଥିବା 'ସପକ୍ଷବାଦୀ ଗୋଷ୍ଠୀ' ଯୁକ୍ତି ଦିଅନ୍ତି ଯେ, ଖଣି ହେଲେ, କମ୍ପାନୀ ଆସିଲେ ଲୋକଙ୍କୁ କାଳେ ନିଯୁକ୍ତି ମିଳିବ, ଏ ଅଂଚଳର ବିକାଶ ହେବ। ତେବେ ଯେଉଁ ଅଂଚଳରେ ବିଭିନ୍ନ କମ୍ପାନୀମାନେ ପାହାଡ ତାଡି ମୂଲ୍ୟବାନ ଖଣିଜ ସଂପଦ ଲୁଟି ନେଇଯାଇଛନ୍ତି ସେଠି କେତେ ନିଯୁକ୍ତି ମିଳିଛି ଓ କି ପ୍ରକାର ବିକାଶ ହୋଇଛି, ତା ଆଜି ଜନସାଧାରଣଙ୍କ ସମ୍ମୁଖରେ ସ୍ପଷ୍ଟ। ଏପରିକି ବଲାଙ୍ଗୀର ଓ ଅନ୍ୟାନ୍ୟ ଜିଲ୍ଲାମାନଙ୍କର ପାଖ ଛୋଟ ବଡ ପର୍ବତମାଳାରୁ ବିଭିନ୍ନ କମ୍ପାନୀମାନେ ଗ୍ରାଫାଇଟ, ମାଙ୍ଗାନିଜ ଖନନ କରୁଛନ୍ତି। ସେ ଅଂଚଳରେ ଲୋକମାନେ ନାହିଁ ନଥିବା ଦୂରାବସ୍ଥା ତ ଭୋଗୁଛନ୍ତି, ତାହା ତ କହିବା ଆବଶ୍ୟକତା ନାହିଁ। ତେଣୁ ନିଯୁକ୍ତି ଓ ବିକାଶର କଥା କହି ଏମାନେ କେତେଦିନ ଲୋକଙ୍କୁ ଆଉ ପ୍ରତାରିତ କରିବେ ? ଲୋକଙ୍କୁ କାମ ଦେବାପାଇଁ ସରକାରୀ ଉଦ୍ୟୋଗରେ ଶିଳ୍ପ ଭିତ୍ତିକ କାରଖାନା ଗୋଟିଏ ହେଲେ ବି ତ ଗଢିଉଠି ନାହିଁ। ଏଥିପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ତ ଅଛି। ଏହିସବୁ ଜିଲ୍ଲାଗୁଡିକରେ ଧଳା ହୀରା ଭାବେ ଖ୍ୟାତ କପା ଚାଷ ବ୍ୟାପକ ପରିମାଣରେ ହେଉଛି। ତେଣୁ ଏଠି ସୂତାକଳ ପ୍ରତିଷ୍ଠାର ଦାବିକୁ କୌଣସି ସରକାର କର୍ଣ୍ଣପାତ କରୁନାହାନ୍ତି। ପୁଣି ଏହି ଅଂଚଳରେ ମିଳୁଥିବା ଜଙ୍ଗଲଜାତ ଦ୍ରବ୍ୟକୁ ବିଭିନ୍ନ କମ୍ପାନୀମାନେ ଲୋକଙ୍କ ପାଖରୁ ଲୁଟି ନେଇଯାଉଛନ୍ତି। ତେଣୁ ଦାବି ହେଉଛି, ସରକାରୀ ଉଦ୍ୟୋଗରେ ଏହି ଜଙ୍ଗଲଜାତ ଦ୍ରବ୍ୟଗୁଡିକ ଗଚ୍ଛିତ କରି ଆଧୁନିକ ପ୍ରଯୁକ୍ତି ବିଦ୍ୟା ସାହାଯ୍ୟରେ ପ୍ରକ୍ରିୟାକରଣ ମାଧ୍ୟମରେ ଉନ୍ନତ ସାମଗ୍ରୀ ସୃଷ୍ଟି କରିବା ନିମିତ୍ତ କ୍ଷୁଦ୍ର ଓ ମଧ୍ୟମ ଧରଣର ସରକାରୀ ଉଦ୍ୟୋଗ ପ୍ରତିଷ୍ଠା ହେଉ। ଏହି ଦାବି ମଧ୍ୟ ଉପେକ୍ଷିତ। କପା ସମେତ ଧାନ, ପରିବା ଓ ଅନ୍ୟାନ୍ୟ ଚାଷ କରି ଚାଷୀ ହତାଶ, ଅଭାବୀ ବିକ୍ରିର ଶିକାର ହୋଇ ଆତ୍ମହତ୍ୟା କରୁଛି। ରଣ ସୁଝିବାକୁ ଯାଇ ସପରିବାର ଦାଦନ ଖଟିବାକୁ ଭିଟାମାଟି, ଚାଷ ଜମି ଛାଡି ପଳାୟନ କରୁଛନ୍ତି। ଦାଦନ ସମସ୍ୟା ଦିନକୁ ଦିନ ଭୟାବହ ରୂପ ନେଉଛି। କୌଣସି ସରକାର ଏହି ସମସ୍ୟାର ସମାଧାନ କରିବା ନିମିତ୍ତ କି ପଦକ୍ଷେପ ନେଇଛନ୍ତି ? ଦରିଦ୍ର ଦୁଃଖୀ ଲୋକଙ୍କ ରକ୍ତ ମାଂସକୁ ଶୋଷି, ପ୍ରକୃତି ପରିବେଶକୁ ଧ୍ୱଂସ କରି କମ୍ପାନୀମାନଙ୍କ ପାଇଁ ଆହୁରି କେତେ ଅଧିକରୁ ଅଧିକ ଲାଭ ଅର୍ଜନ ନିମନ୍ତେ ସୁଯୋଗ କରିଦିଆଯିବ, ସେହି ଯୋଜନା ଓ ପଦକ୍ଷେପମାନ ତ ନେଇ ଚାଲିଛନ୍ତି। ସରକାରଙ୍କ ସାମଗ୍ରିକ ଯୋଜନାର ହିଁ ଅଂଶ ହେଉଛି ଏହି ଗନ୍ଧମାର୍ଦ୍ଦନକୁ ଆଦାନୀ କମ୍ପାନୀ ହାତରେ ଟେକିଦେବାର ଏହି ନୂଆ ଚାଲ, ଏହା ବୋଧେ ଆଉ ବୁଝିବାରେ ବାକି ନାହିଁ।

### ପୁଣି ଆରମ୍ଭ ହେଇଛି ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନ

ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ପୁଣି ଏ ଅଂଚଳର ଲୋକମାନେ ଅଣ୍ଟା ଭିଡିଲେଣି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗନ୍ଧମାର୍ଦ୍ଦନକୁ ଧ୍ୱଂସ କରିବାର ଷଡଯନ୍ତ୍ରକୁ ଏଥର ମଧ୍ୟ ପଣ୍ଡ କରିବା ପାଇଁ ଜନ ଆନ୍ଦୋଳନ ମୁଣ୍ଡ ଟେକିଲାଣି। ରାଜ୍ୟ ସରକାର ଗନ୍ଧମାର୍ଦ୍ଦନ ସୁରକ୍ଷା ନିମନ୍ତେ ଏକ ରିଜୋଲ୍ୟୁସନ ପାସ କରାଇବା, କୌଣସି ଦିନ ଯେମିତି କୌଣସି କମ୍ପାନୀ ଗନ୍ଧମାର୍ଦ୍ଦନକୁ କରାୟତ୍ତ କରିନପାରେ, ଗନ୍ଧମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ପାଇଁ ସରକାର ଆଇନ ପ୍ରଣୟନ କରିବା, କମ୍ପାନୀ କିଣିଥିବା ଜମିପଟ୍ଟାକୁ ରଦ୍ଦ କରିବା ଆଦି ଦାବିରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ନେତୃତ୍ୱରେ ଆନ୍ଦୋଳନ ଆରମ୍ଭ ହୋଇଛି। ପରିଷଦର ହରିଶଙ୍କର ଶାଖା ତରଫରୁ ଗତ ନଭେମ୍ବର ୨୫ ତାରିଖ ଦିନ ଖପ୍ରାଖୋଲ ତହସିଲ ଅଫିସ ସମ୍ମୁଖରେ ଦିଆଯାଇଥିବା ଗଣଧାରଣା ୫୫ ଦିନ ଧରି ଦିନ ରାତି ଚାଲିଥିଲା। ସରକାରଙ୍କ କୌଣସି ପ୍ରତିନିଧି, ମନ୍ତ୍ରୀ, ବିଧାୟକ, ଏମ୍‌ପି କେହି ମଧ୍ୟ ଆନ୍ଦୋଳନ ସ୍ଥଳକୁ ଆସି ନାହାନ୍ତି ବା ଆନ୍ଦୋଳନକାରୀଙ୍କ ନିକଟରୁ ଦାବିପତ୍ର ଗ୍ରହଣ କରି କୌଣସି ଆଲୋଚନା କରିନାହାନ୍ତି। ଏହି ଧାରଣାର ୫୬ତମ ଦିବସରେ ଗତ ଜାନୁୟାରୀ ୧୯ ତାରିଖ ଦିନ ଏକ ମହାସମାବେଶର ଡାକରା ଦିଆଯାଇଥିଲା, ଯେଉଁଠି ହଜାର ହଜାର ଜନସାଧାରଣ ସାମିଲ ହୋଇଥିଲେ। ବିଭିନ୍ନ ସଂଗଠନର ନେତୃମଣ୍ଡଳୀ ମଧ୍ୟ ଯୋଗ ଦେଇଥିଲେ। ରାଜ୍ୟର ବିଭିନ୍ନ ଅଂଚଳରେ ଚାଲୁଥିବା ଜନଆନ୍ଦୋଳନର ନେତୃମଣ୍ଡଳୀ, ପରିବେଶବିଦ୍, ଶିକ୍ଷାବିଦ୍‌ମାନେ ମଧ୍ୟ ଏହି ଗନ୍ଧମାର୍ଦ୍ଦନ ବଚାଓ ଆନ୍ଦୋଳନରେ ସାମିଲି ହୋଇଥିଲେ। ବିପ୍ଳବୀ ଛାତ୍ର ସଂଗଠନ ଏଆଇଡିଏସ୍‌ଓ, ଯୁବସଂଗଠନ ଏଆଇଡିୱାଇଓ, ମହିଳା ସଂଗଠନ ଏଆଇଏମ୍‌ଏସ୍‌ଏସ୍ ଏହି ଆନ୍ଦୋଳନରେ ସକ୍ରିୟଭାବେ ସାମିଲ ହୋଇଛି, ଗାଁ ଗାଁରେ ସ୍କୁଲ, କଲେଜରେ ସଭା, ସମିତି କରି ବିଭିନ୍ନ ସ୍ତରର ଜନସାଧାରଣଙ୍କୁ ସଂଗଠିତ କରୁଛି ଓ ଶହ ଶହ ଲୋକଙ୍କର ଏକ ସୁସଜ୍ଜିତ ଶୋଭାଯାତ୍ରା କରି ଏହି ସମାବେଶ ସ୍ଥଳରେ ପହଞ୍ଚିଛି। ଏହି ଆନ୍ଦୋଳନକୁ ଏକ ବୃହତ୍ତର ଶକ୍ତିଶାଳୀ ଦୀର୍ଘସ୍ଥାୟୀ ଆନ୍ଦୋଳନରେ ରୂପାନ୍ତରିତ କରିବାପାଇଁ ପ୍ରଚେଷ୍ଟା ଜାରି ରହିଛି। ଅତୀତର ସଫଳ ବାଲକୋ ବିରୋଧୀ ଆନ୍ଦୋଳନ, କେନ୍ଦ୍ର ବିଜେପି ସରକାରର ତିନୋଟି କଳା କୃଷି ଆଇନ ବିରୋଧୀ ଦିଲ୍ଲୀର ଐତିହାସିକ ସଫଳ କୃଷକ ଆନ୍ଦୋଳନ ଅନ୍ୟାନ୍ୟ ସ୍ଥାନରେ ହେଉଥିବା ଜନଆନ୍ଦୋଳନରୁ ଶିକ୍ଷା ନେଇ ଏ ଆନ୍ଦୋଳନକୁ ଜୟଯୁକ୍ତ କରାଇବା ପାଇଁ ଡାକରା ଦିଆଯାଇଛି।

### "ଆମେ ଲଢିବୁ ଆମେ ଜିତିବୁ"

ଏହି ଦୃଢ ସଂକଳ୍ପ ନେଇ ସଚେତନ ସଂଗଠିତ ଦୀର୍ଘସ୍ଥାୟୀ ଗଣଆନ୍ଦୋଳନ ଗଢିତୋଳି ରତ୍ନଗର୍ଭା ଗନ୍ଧମାର୍ଦ୍ଦନକୁ ବଂଚାଇବାକୁ ହେବ। ଏହା ହିଁ ସମୟର ଦାବି।

★ ★ ★

## ଭାରତୀୟ ମାନଙ୍କ ପ୍ରତି . . .

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ଯେଉଁ ଆମେରିକା ସମଗ୍ର ବିଶ୍ୱରେ ଗଣତନ୍ତ୍ରକୁ ସୁରକ୍ଷିତ କରୁଛି ବୋଲି ଢୋଲ ପିଟୁଛି ଗୋଟିଏ ସ୍ୱାଧୀନ ସାର୍ବଭୌମ ଦେଶର ନାଗରିକ ମାନଙ୍କ ପ୍ରତି ସେହି ଦେଶର ସରକାରର ଏତାଦୃଶ ଆଚରଣକୁ ଧିକ୍କାର କରିବାପାଇଁ ଆମର ଭାଷା ନାହିଁ। କିନ୍ତୁ ପ୍ରଶ୍ନ ହେଉଛି, ଆମେରିକାର ଏହି ଧରଣର ଆଚରଣକୁ ନିନ୍ଦାକରି ପ୍ରଧାନମନ୍ତ୍ରୀ ପଦଟିଏ ମଧ୍ୟ କହିଲେ ନାହିଁ କାହିଁକି ? ଯେଉଁ ଟ୍ରମ୍ପଙ୍କର ବେଆଇନ ଅନୁପ୍ରବେଶ ନୀତି ଯୋଗୁ ଭାରତର ସାଧାରଣ ଲୋକଙ୍କ ପ୍ରତି ଆମେରିକା ସରକାର ଏହି ଧରଣର ଅମାନବୀୟ ଆଚରଣ କରିଛନ୍ତି ସେହି ଟ୍ରମ୍ପଙ୍କୁ ପ୍ରଧାନମନ୍ତ୍ରୀ ମୋଦି ତାଙ୍କର ଗତଥରର ଆମେରିକା ଗସ୍ତ ସମୟରେ ଯାବୁଡି ଧରି ନଥିଲେ କି ? ସେହି ବନ୍ଧୁତା କୁଆଡେ ଗଲା ? ତାଙ୍କର ବନ୍ଧୁ ମୋଦିଙ୍କ ସମ୍ମାନ ପ୍ରତି ସାମାନ୍ୟ ଭ୍ରୂକ୍ଷେପ କରିଥିଲେ କ'ଣ ଭାରତୀୟ ମାନଙ୍କ ପ୍ରତି ଏହି ଧରଣର ଆଚରଣ କରିପାରିଥାନ୍ତେ ? ସଂପ୍ରତି ଆମେରିକା ଗସ୍ତରେ ଯାଇଥିବା ମୋଦି ଟ୍ରମ୍ପଙ୍କୁ ଏ ସଂପର୍କରେ ପ୍ରଶ୍ନ କରିଛନ୍ତି କି ?

ଏଭଳି ଜଘନ୍ୟ ବ୍ୟବହାର କରି ଆମେରିକାର ଭାରତୀୟ ମାନଙ୍କୁ ଦେଶକୁ ଫେରାଇ ଦେବା ଘଟଣା ଆଉ ଏକ ପ୍ରଶ୍ନ ମଧ୍ୟ ଉତ୍‌ଥାପିତ କରୁଛି। ଏହା କୁଆଡେ ନରେନ୍ଦ୍ର ମୋଦିଙ୍କର ବହୁ ପ୍ରଚାରିତ ବିଶ୍ୱଗୁରୁରେ ପରିଣତ ହେବା ଦିଗରେ ଅଗ୍ରସର ହେଉଥିବା ଭାରତ। ଭାରତର ଯୁବକ ଯୁବତୀମାନଙ୍କୁ କାମର ସନ୍ଧାନରେ ଜୀବନକୁ ବିପନ୍ନ କରି ଅନ୍ୟଦେଶରେ ବେଆଇନ ଭାବରେ ପ୍ରବେଶ କରିବାପାଇଁ ଏଜେଣ୍ଟମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା ଦେବାକୁ ହେଉଛି ଏବଂ ଏହିଭଳି ଦୟନୀୟ ଭାବରେ ବିତାଡିତ ହେବାକୁ ପଡୁଛି। ପ୍ରତିବର୍ଷ କାମର ସନ୍ଧାନ କରୁଥିବା ଏହିଭଳି ହଜାର ହଜାର ଯୁବକ ଯୁବତୀ ଦଲାଲ ମାନଙ୍କର ଶୀକାର ହେଉଛନ୍ତି। ଦେଶରେ ଅମୃତକାଳ ଚାଲିଥିଲାବେଳେ ବିଶ୍ୱଗୁରୁ ଭାରତର କେନ୍ଦ୍ର ବଜେପି ସରକାର କାହିଁକି ଏହି ଯୁବକ ଯୁବତୀମାନଙ୍କ ପାଇଁ ଦେଶ ମଧ୍ୟରେ କାମ ସୃଷ୍ଟି କରି ପାରୁ ନାହିଁ ? ପ୍ରତିବର୍ଷ ଦୁଇ କୋଟି ଲୋକଙ୍କୁ ଚାକିରି ଦେବାର ନିର୍ବାଚନୀ ପ୍ରତିଶୃତି କୁଆଡେ ଗଲା ? ଗତ ୪୫ବର୍ଷର ରେକର୍ଡ ଭାଙ୍ଗିଥିବା ବେକାରୀତ୍ୱ ଆଜି ଏଭଳି ଜାଗାରେ ପହଂଚିଛି ଯେ, କେନ୍ଦ୍ର ସରକାର ଏ ସଂକ୍ରାନ୍ତିୟ ପରିସଂଖ୍ୟାନ ସାର୍ବଜନୀନ କରିବା ବନ୍ଦ କରିଦେଇଛନ୍ତି।

ବାସ୍ତବରେ ଗୋଟିଏ ପରେ ଗୋଟିଏ ରାଷ୍ଟ୍ରାୟତ୍ତ ପ୍ରତିଷ୍ଠାନ ଏବଂ ଜଳ, ଜମି, ଜଙ୍ଗଲ, ଖଣି ସହ ଦେଶର ସମସ୍ତ ପ୍ରାକୃତିକ ସଂପଦ ଘରୋଇ ମାଲିକ ମାନଙ୍କ ହାତକୁ ଟେକି ଦେବା କ୍ଷେତ୍ରରେ କେନ୍ଦ୍ର ବିଜେପି ସରକାର ଓ ବିଭିନ୍ନ ରାଜ୍ୟରେ କ୍ଷମତସୀନ ବିଭିନ୍ନ ଦଳର ସରକାର ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ସରକାର ମାନଙ୍କର ଏହିଭଳି ମାଲିକ ପଦଲେହନକାରୀ ଭୂମିକା ଫଳରେ ଦେଶର ସାଧାରଣ ଲୋକଙ୍କ ରୋଜି ରୁଟି ଓ ଭବିଷ୍ୟତ ବିପନ୍ନ ହେଉଛି। ସେଥିପାଇଁ ନିଜ ଜୀବନକୁ ବିପନ୍ନ କରି ମଧ୍ୟ ବିପୁଳ ସଂଖ୍ୟକ ଯୁବକ ଯୁବତୀ ବିଦେଶକୁ ପଳାୟନ କରିବାପାଇଁ ବାଧ୍ୟ ହେଉଛନ୍ତି। ଏହିଭଳି ପଳାୟନ ରୋକିବା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବା କଣ ସରକାରଙ୍କର ଦାୟିତ୍ୱ ନୁହେଁ ? ଦେଶର ନାଗରିକମାନଙ୍କର ଜୀବନ ଜୀବିକାର ସୁରକ୍ଷାର ଦାୟିତ୍ୱ କ'ଣ ସରକାରଙ୍କର ନୁହେଁ ? ବର୍ଷ ପରେ ବର୍ଷ ଭାରତର କାମ ଆଶାୟୀ ଯୁବକ ଯୁବତୀମାନଙ୍କୁ ବେଆଇନ ଭାବରେ ବିଦେଶକୁ ଚାଲାଣ କରୁଥିବା ଦଲାଲମାନଙ୍କ ଦୁଷ୍ଟଚକ୍ରକୁ ଭାଙ୍ଗିବାର ଦାୟିତ୍ୱ କ'ଣ କେନ୍ଦ୍ର ସରକାରଙ୍କର ନୁହେଁ ? କେନ୍ଦ୍ର ବିଜେପି ସରକାରକୁ ଆଉ ଏକ ପ୍ରଶ୍ନର ଉତ୍ତର ଦେବାକୁ ହେବ। ତା' ହେଉଛି ବର୍ତ୍ତମାନ ଗଣମାଧ୍ୟମରେ ପ୍ରକାଶିତ ସଂବାଦ ଅନୁଯାୟୀ ଭାରତୀୟମାନଙ୍କୁ ଆମେରିକାରୁ ବାହାର କରିଦେବା ପୂର୍ବରୁ ଆମେରିକା ସରକାର ବାହାର କରିଦିଆଯାଉଥିବା ଲୋକଙ୍କ ତାଲିକା ଓ ଭାରତରେ ସେମାନଙ୍କର ଠିକଣା ଭାରତ ସରକାରଙ୍କୁ ଜଣାଇଥିଲେ। ସେହି ସମୟରେ ହିଁ ବାହାର କରିଦିଆଯାଉଥିବା ଭାରତୀୟମାନଙ୍କୁ ଯେ ଏହି ଧରଣର ଅପମାନ ଜନକ ଅବସ୍ଥାରେ ଭାରତ ପଠାଯିବ ତାହା ମଧ୍ୟ ଭାରତ ସରକାରଙ୍କୁ ଜଣାଇ ଦିଆଯାଇଥିଲା। ଏହା ସତ୍ତ୍ୱେ ମଧ୍ୟ ଭାରତ ସରକାର ଏହି ଲୋକମାନଙ୍କୁ ଭାରତ ଆଣିବାପାଇଁ ବିମାନ ପଠାଇଲେ ନାହିଁ କାହିଁକି ? ପଶୁଭଳି ଭାରତର ଲୋକମାନଙ୍କୁ ନେଇ ଆସିଥିବା ମାର୍କିନ ସାମରିକ ଜାହାଜକୁ ଭାରତରେ ଅବତରଣ କରିବାପାଇଁ କାହିଁକି ଅନୁମତି ଦିଆଗଲା ? କଲମ୍ବିଆ ଆମେରିକାର ଖୁବ ନିକଟରେ ଅବସ୍ଥିତ ଏକ ଛୋଟ ଏବଂ ଦୁର୍ବଳ ଦେଶ। ଏହି ଦେଶରୁ କାମ କରିବା ପାଇଁ ବେଆଇନ ଭାବରେ ଅନୁପ୍ରବେଶ କରିଥିବା ଲୋକଙ୍କୁ ଠିକ୍ ଏହିଭଳି ଭାବରେ ନିଜ ଦେଶକୁ ପଠାଇ ଦେବାପାଇଁ ଆମେରିକା ଉଦ୍ୟମ କରିଥିଲା। ମାତ୍ର କଲମ୍ବିଆ ସରକାର ଆମେରିକାର ବିମାନକୁ କଲମ୍ବିଆରେ ଓହ୍ଲାଇବାକୁ ଅନୁମତି ଦେଲେ ନାହିଁ। ଆମେରିକାର ପଡୋଶୀ ଦେଶ ମେକ୍ସିକୋର ରାଷ୍ଟ୍ରପତି ମଧ୍ୟ ଠିକ ଏହି ଧରଣର ଆଭିମୁଖ୍ୟ ଗ୍ରହଣ କରିଥିଲେ। ଯଦି କଲମ୍ବିଆ ଓ ମେକ୍ସିକୋ ଭଳି ଛୋଟ ଦେଶର ରାଷ୍ଟ୍ରପତି ଏହି ଧରଣର ସାହସ ପ୍ରଦର୍ଶନ କରିପାରିଲେ ତା'ହେଲେ ବିଶ୍ୱଗୁରୁ ଭାରତବର୍ଷର ପ୍ରଧାନମନ୍ତ୍ରୀ ସାମାନ୍ୟ ପ୍ରତିବାଦ କରିବାପାଇଁ ସାହସ ପ୍ରଦର୍ଶନ କରିପାରିଲେ ନାହିଁ କାହିଁକି ? କେଉଁ ଅଧିକାରରେ କେନ୍ଦ୍ର ସରକାର ଦେଶବାସୀଙ୍କୁ ଏହି ଧରଣର ଅପମାନିତ କଲେ ? ଏହି ପ୍ରଶ୍ନର ଉତ୍ତର ଦେଶର ସାଧାରଣ ଲୋକ ଚାହୁଁଛନ୍ତି।

ବାସ୍ତବରେ ଦେଶର ସଂଖ୍ୟାଗରିଷ୍ଠ ଜନସାଧାରଣଙ୍କର ଜୀବନ-ମୃତ୍ୟୁ-ମାନ-ମର୍ଯ୍ୟାଦା ସଂପର୍କରେ ଆଜି ସରକାରମାନେ ଆଦୌ ଚିନ୍ତିତ ନୁହଁନ୍ତି। ଏହି ପୁଞ୍ଜିବାଦୀ ରାଷ୍ଟ୍ରରେ ପୁଞ୍ଜିପତି ଶ୍ରେଣୀର ରାଜନୈତିକ ମ୍ୟାନେଜର ହିସାବରେ ଅମ୍ବାନୀ-ଆଦାନୀ ଭଳି ଏକଚାଟିଆ ପୁଞ୍ଜି ମାଲିକମାନଙ୍କର ସେବା କରିବା ହିଁ ସେମାନଙ୍କର ଏକମାତ୍ର କାମ। ଏହାଫଳରେ ଦେଶର ସାଧାରଣ ଲୋକ ମରନ୍ତୁ ବା ବଂଚନ୍ତୁ ସେମାନଙ୍କ ପାଇଁ ରୋଜି ରୁଟିର ବ୍ୟବସ୍ଥା ହେଉଛି କି ନା ସେଥିରେ ଏହି ସରକାରମାନଙ୍କୁ କିଛି ଫରକ ପଡେନାହିଁ। ଯେତେ ଶୀଘ୍ର ଏହି ସତ୍ୟ ଦେଶର ସଂଖ୍ୟାଗରିଷ୍ଠ ଜନସାଧାରଣ ବୁଝିପାରିବେ ଯେ କେବଳ ଏହି ଜନସ୍ୱାର୍ଥ ବିରୋଧୀ ସରକାରକୁ ନୁହେଁ, ପ୍ରଚଳିତ ପୁଞ୍ଜିବାଦୀ ବ୍ୟବସ୍ଥାକୁ ଉଚ୍ଛେଦ କରିବା ରାସ୍ତାରେ ଅଗ୍ରସର ହେବାକୁ ପଡିବ, ସେତେ ଶୀଘ୍ର ମର୍ଯ୍ୟାଦା ସହକାରେ ମୁଣ୍ଡ ଉପରକୁ କରି ବଂଚିବା ପାଇଁ ସାଧାରଣ ମଣିଷର ସ୍ୱପ୍ନ ସାକାର ହେବ।

★ ★ ★

## କେନ୍ଦ୍ର ସରକାରଙ୍କ . . .

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ଅବସ୍ଥା। ଏହା ଫଳରେ ଚାଷ ପାଇଁ ଖର୍ଚ୍ଚ ବଢି ଚାଲିଛି। ଆମ ରାଜ୍ୟର ଚାଷୀମାନଙ୍କ ମଧ୍ୟରୁ ଶତକଡା ୯୨ଭାଗ ହେଉଛନ୍ତି ଭାଗଚାଷୀ। ଏହି ଭାଗଚାଷୀମାନଙ୍କୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, କୋପରେଟିଭ ସୋସାଇଟି କିମ୍ବା ଅନ୍ୟ କୌଣସି ସରକାରୀ ବିତ୍ତିୟ ଅନୁଷ୍ଠାନରୁ ଚାଷପାଇଁ ରଣ ମିଳେ ନାହିଁ। ଫଳରେ ଚାଷ ପାଇଁ ଭାଗଚାଷୀଙ୍କୁ ମହାଜନ, ମାଇକ୍ରୋଫାଇନାନ୍ସ ସଂସ୍ଥା କିମ୍ବା ଅନ୍ୟାନ୍ୟ ଘରୋଇ ସଂସ୍ଥାରୁ ଚଢା ସୁଧ ହାରରେ ବିପୁଳ ପରିମାଣର ରଣ କରିବାକୁ ହୁଏ। ମାତ୍ର କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ଚାଷୀ ସ୍ୱାର୍ଥ ବିରୋଧୀ ନୀତି ଫଳରେ ଚାଷୀ ଫସଲର ଉପଯୁକ୍ତ ଦର ପାଏ ନାହିଁ। ଫସଲର ଅଭାବୀ ବିକ୍ରି କରିବାକୁ ବାଧ୍ୟ ହୁଏ। ରଣ ଯନ୍ତାରେ ପଡେ। ଚାଷୀ ଦାଦନ ଶ୍ରମିକରେ ପରିଣତ ହୁଏ କିମ୍ବା ଆତ୍ମହତ୍ୟାର ରାସ୍ତା ବାଛିନିଏ। ଏହା ହିଁ ହେଉଛି ଦେଶର ଚାଷୀ ଜୀବନର କଠୋର ଓ ମର୍ମାନ୍ତିକ ବାସ୍ତବତା।

★ ★ ★

## ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ଯାଜପୁର ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାସ୍ତରୀୟ ରାଜନୈତିକ ଷ୍ଟଡି କ୍ଲାସ




ଏଆଇଏମ୍ଏସ୍ଏସ୍ ଯାଜପୁର ଜିଲ୍ଲା କମିଟି ଉଦ୍ୟୋଗରେ ଏକ ଜିଲ୍ଲା ସ୍ତରୀୟ ଷ୍ଟଡି କ୍ଲାସ ଫେବୃଆରୀ ୮ଓ ୯ ଦୁଇଦିନ ଧରି ବରୀ ବ୍ଲକର ମାଳଦା ଛକ ସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି ।ଏହି କ୍ଲାସରେ ସର୍ବହରାର ମହାନ ନେତା କମ୍ରେଡ ଶିବଦାସ ଘୋଷଙ୍କ, 'ଗଣ ମୁକ୍ତିର ସଂକଳ୍ପ' ଏବଂ ପାର୍ଟିର ବର୍ତ୍ତମାନ ସାଧାରଣ ସମ୍ପାଦକ କମ୍ରେଡ ପ୍ରଭାସ ଘୋଷଙ୍କ ବକ୍ତବ୍ୟ ଆଧାରରେ ରଚିତ 'ମହିଳା କର୍ମୀମାନଙ୍କର କର୍ମ ପଦ୍ଧତି' ଏବଂ ମାନବତାବାଦୀ ସାହିତ୍ୟିକ ଶରତଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କର କ୍ଷୁଦ୍ର ଗଳ୍ପ 'ମଝିଆଁ ନାନୀ' ବହି ଉପରେ ଆଲୋଚନା ହୋଇଥିଲା। ଏହି କ୍ଲାସକୁ ପରିଚାଳନା କରୁଥିଲେ ଏଆଇଏମ୍ଏସ୍ଏସ ର ସର୍ବଭାରତୀୟ ସାଧାରଣ ସମ୍ପାଦିକା କମ୍ରେଡ ଛବି ମହାନ୍ତି, ରାଜ୍ୟ ସଭାନେତ୍ରୀ କମ୍ରେଡ ସ୍ୱୟଂପ୍ରଭା ନାୟକ ଏବଂ ରାଜ୍ୟ ସମ୍ପାଦିକା କମ୍ରେଡ ସରୋଜିନୀ ନାୟକ । ଜିଲ୍ଲା ସଭାନେତ୍ରୀ କମ୍ରେଡ ସୁଲୋଚନା ପ୍ରଧାନ, ସମ୍ପାଦିକା କମ୍ରେଡ ତରଙ୍ଗିଣୀ ଦାସ ଙ୍କ ସମେତ ବହୁ ପ୍ରତିନିଧି ଆଲୋଚନାରେ ଭାଗ ନେଇଥିଲେ। ସଂଗୀତ,ଏକକ ଅଭିନୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ବିଭିନ୍ନ ବ୍ଲକରୁ ଚାଳିଶ ଜଣ କର୍ମୀ ଏହି କ୍ଲାସରେ ଯୋଗଦାନ କରିଥିଲେ। କମ୍ରେଡ ଶିବଦାସ ଘୋଷଙ୍କ ଉପରେ ରଚିତ ସଂଗୀତ ପରିବେଷଣ ପରେ କ୍ଲାସ ସମାପ୍ତ ହୋଇଥିଲା ।

## ବଲାଙ୍ଗୀର ଜିଲ୍ଲାର ଗୁଡ଼ଭେଲାଠାରେ ପାଚିକା ସହାୟିକା କନଭେନ୍ସନ୍



ମଧ୍ୟାହ୍ନ ଭୋଜନ ପାଚିକା ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା ପର୍ଯ୍ୟନ୍ତ ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରୀ ଦେବା, ବର୍ଷକୁ ୧୦ ମାସ ପରିବର୍ତ୍ତେ ୧୨ ମାସ ର ପାରିଶ୍ରମିକ,ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ ଆଦି ଦାବିରେ ବଲାଙ୍ଗୀର ଜିଲ୍ଲାର ଗୁଡ଼ଭେଲା ବ୍ଲକ ସ୍ତରୀୟ ପାଚିକା-ସହାୟିକା କନଭେନସନ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ସ୍କିମ ୱାର୍କର ଫେଡେରେଶନର ସର୍ବଭାରତୀୟ କାର୍ଯ୍ୟକାରୀ କମିଟି ସଭ୍ୟ ମନ୍ଦୋଦରି ରାଉଳଙ୍କ ସଭାପତିତ୍ୱରେ ଏହି କନଭେନ୍ସନ୍‌ରେ ମୁଖ୍ୟ ବକ୍ତା ଭାବେ ଏଆଇୟୁଟିୟୁସି ର ରାଜ୍ୟ ସମ୍ପାଦକ କମ୍ରେଡ ଜୟସେନ ମେହେର ଯୋଗ ଦେଇଥିଲେ। ଏସ୍ୟୁସିଆଇ(ସି) ଜିଲ୍ଲା ସାଙ୍ଗଠନିକ କମିଟି ସମ୍ପାଦକ କମ୍ରେଡ ସୁନୀଲ କୁମାର ଭୋଇ, ଗୁଡଭେଲା ବ୍ଲକ ସଭାନେତ୍ରୀ ଛାୟା ବଗର୍ତ୍ତି, ସମ୍ପାଦିକା ଅନିତା ମାଝୀ ମଂଚାସୀନ ଥିଲେ। ଆସନ୍ତା ମାର୍ଚ୍ଚ ୫ ତାରିଖ ଦିନ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ଏହି କନଭେନସନରେ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକର ଶତାଧିକ ପାଚିକା ଓ ସହାୟିକା ଯୋଗ ଦେଇଥିଲେ।

## ଅଲ ଇଣ୍ଡିଆ ବିଦ୍ୟୁତ ଉପଭୋକ୍ତା ସଂଘର ବିକ୍ଷୋଭ




ଅଲ ଇଣ୍ଡିଆ ବିଦ୍ୟୁତ ଉପଭୋକ୍ତା ଫୋରମ ଭୋଗରାଇ ଶାଖା ତରଫରୁ ଆଜି ଭୋଗରାଇ ବିଦ୍ୟୁତ ଏସ୍‌ଡିଓ ଅଫିସ ସମ୍ମୁଖରେ ବିକ୍ଷୋଭ ଓ ଡେପୁଟେସନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଥାନାଛକ ବସ୍ ଷ୍ଟାଣ୍ଡରୁ ଏକ ଶୋଭାଯାତ୍ରା ବାହାରି ଏସ୍‌ଡିଓ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରିପେଡ୍ ମିଟର ଲଗାଇବା ବନ୍ଦକରିବା, ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରସ୍ତାବ ବାତିଲ କରିବା, ବିଦ୍ୟୁତ ସଂଶୋଧନ ବିଲ ୨୦୨୦ ପ୍ରତ୍ୟାହାର କରିବା, ଟାଇମ ଅଫ ଆୱାର ତାରିଫ ପ୍ରସ୍ତାବ ବାତିଲ କରିବା, ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ବିଦ୍ୟୁତ ବିଲ ଛାଡ଼ କରିବା ଓ ବିଦ୍ୟୁତ ସେବାର ଘରୋଇକରଣ ବନ୍ଦ କରିବା ଆଦି ଦାବିରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥଲା । ବିକ୍ଷୋଭ ସ୍ଥଳରେ ଏକ ପ୍ରତିବାଦ ସଭାକୁ ପରିଚାଳନା କରିଥିଲେ କମ୍ରେଡ ହରେକୃଷ୍ଣ ଦାସ। କମ୍ରେଡ ନିରାକାର ପାଣ୍ଡବ, କ୍ରିଷ୍ଣାରାଣୀ ସାହୁ, ସସ୍ମିତା ମହାନ୍ତି, ଆରତୀ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିକ୍ଷୋଭକାରୀ ମାନଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଏସଡିଓଙ୍କୁ ଭେଟି ୬ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ ।

## ରେନବୋ ଇଣ୍ଟରନ୍ୟାସନାଲ ସ୍କୁଲରେ ସ୍ୱାସ୍ଥ୍ୟସେବା



ଭୁବନେଶ୍ୱରର, ପଟିଆସ୍ଥ ରେନବୋ ଇଣ୍ଟରନ୍ୟାସନାଲ ସ୍କୁଲରେ ମେଡିକାଲ ସର୍ଭିସ୍ ସେଣ୍ଟର(ଏମ୍ଏସ୍ସି) ସହାୟତାରେ ଫେବୃଆରୀ ୯ ତାରିଖରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦନ୍ତ, ପେଟ ରୋଗ ଓ ମେଡିସିନ୍ ବିଭାଗର ଡାକ୍ତର ମାନେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସଙ୍ଗେ ସଙ୍ଗେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଉତ୍ତମ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ରକ୍ଷା ପାଇଁ ବିଭିନ୍ନ ଉପାଦେୟ ବିଷୟମାନ ଆଲୋଚନା କରିଥିଲେ। ସ୍କୁଲର ଅଧକ୍ଷା ନନ୍ଦିତା ମାହାତୋଙ୍କ ଅଧକ୍ଷତାରେ ଏହି ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଡାକ୍ତର ମାନଙ୍କ ମଧ୍ୟରେ ପେଟ ରୋଗ ବିଶେଷଜ୍ଞ ତଥା ଏମ୍ଏସ୍ସିର ରାଜ୍ୟ ସମ୍ପାଦକ ଡା. ପ୍ରାଞ୍ଜ ଅନିର୍ବାଣ, ଦନ୍ତ ରୋଗ ବିଶେଷଜ୍ଞ ଡା. ବିରଞ୍ଚି ନାରାୟଣ ବିଶ୍ୱାଳ. ଡା.ଅନିଶା ଅଭିଜିତା, ରାଜକୁମାର ଫାଉଣ୍ଡେସନ୍ ର ମେଡିକାଲ ଅଫିସର ଡା. ସ୍ୱପ୍ନଲିକା ବେହୁରା ପ୍ରମୁଖ ଡାକ୍ତର ମାନେ ଏହି ଶିବିର କୁ ପରିଚାଳନା କରିଥିଲେ।

## ବିଦ୍ୟୁତ ଉପଭୋକ୍ତା ମିଳିତ ମଞ୍ଚ ପକ୍ଷରୁ କଟକରେ ବିକ୍ଷୋଭ




ବିଦ୍ୟୁତ ଉପଭୋକ୍ତା ମିଳିତ ମଞ୍ଚ ପକ୍ଷରୁ ଫେବୃଆରୀ ୧୩ ତାରିଖରେ କଟକ ବାଦାମବାଡି ବିଦ୍ୟୁତ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଶତାଧିକ ଉପଭୋକ୍ତା ଏକ ଶୋଭାଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଗଣ ବିକ୍ଷୋଭରେ ବିଦ୍ୟୁତ ଉପଭୋକ୍ତା ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ଦୀପକ ଦାସ, ଅକ୍ଷୟ ରାଉଳ, ସୁକାନ୍ତ ନାୟକ, ଉଦୟ ଟୁଡୁ, ଲକ୍ଷ୍ମୀ ସିଂ, ଶିବ ବେହେରା, ଟୁନି ମହାକୁଡ଼, ସାବିତ୍ରୀ ହେମ୍ବ୍ରମ ପ୍ରମୁଖ ନେତୃତ୍ୱ ନେଇଥିଲେ। ବିକ୍ଷୋଭକାରୀ ମାନଙ୍କ ପକ୍ଷରୁ ୧୦ ଦଫା ଦାବିପତ୍ର ନିର୍ବାହୀ ଯନ୍ତ୍ରୀଙ୍କୁ ଦିଆଯାଇଛି। ଉପଭୋକ୍ତାଙ୍କ ଘରୁ ବଳପୂର୍ବକ ଡିଜିଟାଲ ମିଟର କାଢି ସ୍ମାଟ ମିଟର ଲଗେଇବା ବନ୍ଦ କରିବା, ଯେଉଁ ଲୋକମାନଙ୍କ ଘରେ ଜବରଦସ୍ତ ସ୍ମାଟ ମିଟର ଲଗା ଯାଉଛି ତୁରନ୍ତ ତାକୁ ବଦଳେଇବା, ସମସ୍ତ ଗରିବ ଲୋକମାନଙ୍କୁ ବିନା ସିକ୍ୟୁରିଟି ଡିପୋଜିଟ ଓ ବିନା କଟକଣାରେ ବିଦ୍ୟୁତ ସଂଯୋଗ ଦେବା, ସୌଭାଗ୍ୟ ଯୋଜନାରେ ବିଦ୍ୟୁତ ସଂଯୋଗ ଥିବା ବସ୍ତି ଲୋକଙ୍କ ଠାରୁ ପ୍ରତି ମାସରେ ମିଟର ରିଡିଙ୍ଗ ଦେୟ ସହ ଅଧିକ ଟଙ୍କା ଆଦାୟ ବନ୍ଦ ଓ ମିଟର ବାବଦ ୪୦ ଟଙ୍କା ଆଦାୟ ବନ୍ଦ କରିବା, ପ୍ରିପେଡ୍ ସ୍ମାଟ ମିଟର ବାତିଲ କରିବା, ଦିନର ବିଭିନ୍ନ ସମୟ ପାଇଁ ଭିନ୍ନ ଭିନ୍ନ ଶୁଳ୍କ ଆଦାୟ ବ୍ୟବସ୍ଥା ବାତିଲ କରିବା, ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ଶୁଳ୍କ ଛାଡ କରିବା,ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରସ୍ତାବ ବାତିଲ କରିବା, ସମଗ୍ର ବିଦ୍ୟୁତ କ୍ଷେତ୍ରକୁ ସରକର ହାତକୁ ନେବା, ବିଦ୍ୟୁତ ଉପଭୋକ୍ତାଙ୍କ ଉପରେ ଜୁଲମ ଓ ବିଭିନ୍ନ ଆଳରେ ବିଦ୍ୟୁତ ସଂଯୋଗ କାଟିବା ବନ୍ଦ କରିବା ଓ ଘନ ଘନ ବିଦ୍ୟୁତ କାଟ ବନ୍ଦ କରିବା ପ୍ରମୁଖ ଦାବି ବିକ୍ଷୋଭକାରୀ ମାନଙ୍କ ପକ୍ଷରୁ କାରାଯାଇଛି।

## ସୁରେଶ୍ୱରୀ ଜଳସେଚନ ଯୋଜନା କାର୍ଯ୍ୟକାରୀ ଏବଂ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ଦାବିରେ କିଶୋରନଗର ବ୍ଲକ ଅଫିସ୍ ସମ୍ମୁଖରେ ଗଣଧାରଣା

ଶିଳ୍ପ ସମୃଦ୍ଧ ଅନୁଗୁଳ ଜିଲ୍ଲାର କୃଷିବହୁଳ କିଶୋରନଗର ଅଞ୍ଚଳର ଚଷଜମିକୁ ଜଳସେଚନ ପାଇଁ ଜଳଭଣ୍ଡାର ନିର୍ମାଣ କରି ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା, କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଷଜ, ସ୍ତ୍ରୀ ଓ ପ୍ରସୂତୀ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ସମେତ ନର୍ସ,କର୍ମଚାରୀ ନିଯୁକ୍ତି ଦେବା, କିଶୋରନଗର ଡାକ୍ତରଖାନାରେ ଏକ୍ସରେ, ଅଲ୍ଟ୍ରା ସାଉଣ୍ଡ ମେସିନ୍ ସ୍ଥାପନ କରିବା, କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ନର୍ସ, କର୍ମଚାରୀଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ଷ୍ଟାଫ୍ କ୍ୱାଟର୍ସ ନିର୍ମାଣ କରିବା, ଶିଳ୍ପ ପାର୍କ ନାଁରେ ଉର୍ବର କୃଷିଜମି, ପ୍ରାକୃତିକ ଜଙ୍ଗଲ ସମ୍ପଦକୁ କମ୍ପାନୀମାନଙ୍କୁ ହସ୍ତାନ୍ତର ବନ୍ଦ କରିବା ଦାବିରେ ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି, କିଶୋରନଗର ପକ୍ଷରୁ ଫେବୃୟାରୀ ୩ ତାରିଖରେ କିଶୋରନଗର ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ସମୟରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। କମିଟିର ବରିଷ୍ଠ ସଭ୍ୟ ତଥା ଚାଷୀ ନେତା ପରମାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣଧାରଣାରେ ଅଲ୍ ଇଣ୍ଡିଆ ଜନ ଅଧିକାର ସୁରକ୍ଷା କମିଟିର ଜିଲ୍ଲା ଆବାହକ ନବକିଶୋର ପ୍ରଧାନ, କମିଟିର ସଂଗଠକ ତୀର୍ଥବାସୀ ଭୋଇ, ଲକ୍ଷ୍ମଣ ବେହେରା, ରବୀନ୍ଦ୍ର




ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଗଣଧାରଣା ସ୍ଥଳରୁ ଏକ ପ୍ରତିନିଧି ମଣ୍ଡଳୀ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିବା ଅନୁଗୁଳ ଜିଲ୍ଲାପାଳଙ୍କୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଗଣଧାରଣାରେ କମିଟିର ଅନ୍ୟତମ ସଂଗଠକ ରମେଶ ସାହୁ, କିଶୋରୀ ପ୍ରଧାନ, ବାବାଜୀଚରଣ ପ୍ରଧାନ, ତରୁଣ ବେହେରା, ଅର୍ଜୁନ ମୁଣ୍ଡା, ପ୍ରଫୁଲ୍ଲ ପ୍ରଧାନଙ୍କ ସମେତ ବହୁ ଚାଷୀ ଅଂଶଗ୍ରହଣ କରିଥିଲେ।

# ଅଲ ଇଣ୍ଡିଆ ଜନ ଅଧିକାର ସୁରକ୍ଷା କମିଟି ଓଡିଶା ପକ୍ଷରୁ ରାଜ୍ୟ ସ୍ତରୀୟ କନ୍‌ଭେନ୍‌ସନ୍ ଯଶିପୁରଠାରେ ଅନୁଷ୍ଠିତ






ଅଲ୍ ଇଣ୍ଡିଆ ଜନ ଅଧିକାର ସୁରକ୍ଷା କମିଟି ଓଡିଶା ପକ୍ଷରୁ ଫେବୃୟାରୀ ୭ତାରିଖରେ ରାଜ୍ୟ ସ୍ତରୀୟ କନଭେନସନ ମୟୁରଭଞ୍ଜ ଜିଲ୍ଲା ଯଶିପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କନ୍‌ଭେନ୍‌ସନ୍‌ରେ ସଭାପତିତ୍ୱ କରିଥିଲେ ସଦାଶିବ ଦାସ। ଏହି କନ୍‌ଭେନ୍‌ସନରେ ସଂଗଠନର ସର୍ବଭାରତୀୟ ସଭାପତି ଶମ୍ଭୁନାଥ ନାଏକ, ସାଧାରଣ ସଂପାଦକ ବିଶ୍ୱମ୍ଭର ମୁରା, ସଂଗଠନର ମୁଖ୍ୟ ଉପଦେଷ୍ଟା ସ୍ୱପନ ଘୋଷ ପ୍ରମୁଖ ଯୋଗ ଦେଇଥିଲେ। କନଭେନସନରେ ରାଜ୍ୟର ରାଜଗାଙ୍ଗପୁର, ସୁନ୍ଦରଗଡ, କୋରାପୁଟ, ଖୋର୍ଦ୍ଧା, ଭୁବନେଶ୍ୱର, ଅନୁଗୁଳ, ସୁକିନ୍ଦା, ବ୍ରାହ୍ମଣୀପାଳ, କେନ୍ଦୁଝର, ଠାକୁରମୁଣ୍ଡା, କପ୍ତିପଦା, ରରୁଆଁ, ଶୁକୁଳି, ବିଶୋଇ, ବାଙ୍ଗିରପୋଷି, ଯଶିପୁର କରଞ୍ଜିଆ ଆଦି ବିଭିନ୍ନ ଅଞ୍ଚଳରୁ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ। ପ୍ରଥମେ ଶହୀଦ ବେଦୀରେ ମାଲ୍ୟାର୍ପଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାପତିଙ୍କ ସଂକ୍ଷିପ୍ତ ଅଭିଭାଷଣ ପରେ ମୂଳ ପ୍ରସ୍ତାବ ଆଗତ କରିଥିଲେ କମ୍ରେଡ୍ ପ୍ରକାଶ ମଲ୍ଲିକ। ଏହି ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ ନବକିଶୋର ପ୍ରଧାନ, ଜଷ୍ଟିନ୍ ଲୁଗୁନ୍, ସୁଶାନ୍ତ ମୁର୍ମୁ, ବିଜୟ ମୁଣ୍ଡା, ରତନ ସୋରେନ୍, ଅସ୍ତକୁଆଁର ପଞ୍ଚାୟତର ମହିଳା ସରପଞ୍ଚ ପ୍ୟାରି ଟୁଟି, ଆନନ୍ଦ ବିରୁଆ ପ୍ରମୁଖ।

ମୂଳ ଚିଠା ପ୍ରସ୍ତାବରେ କୁହାଯାଇଛି ଯେ ଇତିମଧ୍ୟରେ ଜନ ବିରୋଧି ଜଙ୍ଗଲ ସଂରକ୍ଷଣ ସଂଶୋଧନ ଆଇନ୍ -୨୦୨୩ ସଂସଦରେ ପାସ ହୋଇ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପାଇ ସାରିଛି ଓ ଏହା ଏକ ଆଇନରେ ପରିଣତ ହୋଇଛି। ଏହି ଆଇନ ଦ୍ୱାରା କେନ୍ଦ୍ର ବିଜେପି ସରକାର ଦେଶର ବିପୁଳ ପ୍ରାକୃତିକ ସମ୍ପଦ, ଖଣି, ଜଙ୍ଗଲ, ପାହାଡ, ନଦୀ, ଝରଣା ଓ ଜମିକୁ ଏକଚାଟିଆ ପୁଞ୍ଜିପତିମାନଙ୍କ ହାତକୁ ଟେକି ଦେବାର ପ୍ରକ୍ରିୟାକୁ ସହଜ କରିଦେଇଛନ୍ତି। ଏହି ଆଇନ ବଳରେ ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରାଯାଇ ଏହାକୁ ଅଣ ଜଙ୍ଗଲ କାର୍ଯ୍ୟରେ ବ୍ୟବହାର କରାଯିବ। ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ଆଦିବାସୀ ତଥା ଜଙ୍ଗଲ ଅଧିବାସୀ ମାନଙ୍କୁ ଜଙ୍ଗଲ ଜମି ଆବଣ୍ଟନ କ୍ଷେତ୍ରରେ ଗ୍ରାମସଭା ଗୁଡିକର ଯେଉଁ କ୍ଷମତା ଥିଲା ତାହାକୁ ବସ୍ତୁତଃ ଅକାମୀ କରି ଦିଆଯାଇଛି। କ୍ରମାଗତ ଭାବେ କାରଖାନା ତିଆରି, ଖଣି ଖାଦାନ ଖନନ ମାଫିଆ ମାନଙ୍କ ଦ୍ୱାରା ଜଙ୍ଗଲ ଲୁଟ କରାଯାଉଛି ଓ ଜଙ୍ଗଲରୁ ଲକ୍ଷ ଲକ୍ଷ ଗଛ କଟାଯାଉଛି। ଫଳରେ ଆମର ପ୍ରାକୃତିକ ପରିବେଶ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇ ବାୟୁମଣ୍ଡଳ ଦିନକୁ ଦିନ ଉତ୍ତପ୍ତ ହୋଇ ଉଠୁଛି। ଏକଚାଟିଆ ପୁଞ୍ଜିପତି ମାନଙ୍କୁ ପ୍ରାକୃତିକ ସମ୍ପଦକୁ ହସ୍ତାନ୍ତର ଯୋଗୁ ଏସବୁ ଘଟୁଛି। ସେଥିପାଇଁ ଜଙ୍ଗଲ ସଂରକ୍ଷଣ ସଂଶୋଧନ ଆଇନ -୨୦୨୩କୁ ରଦ୍ଦ କରିବା, ଜଙ୍ଗଲ ଅଧିକାର ଆଇନ- ୨୦୦୬କୁ ଲାଗୁକରିବା, ଜଙ୍ଗଲରୁ ଆଦିବାସୀ ତଥା ସେଠାକାର ଜନସାଧାରଣଙ୍କୁ ଉଚ୍ଛେଦ ବନ୍ଦ କରିବା, ପରିବେଶ ଓ ପର୍ଯ୍ୟାବରଣକୁ ଆସନ୍ନ ବିପଦ କବଳରୁ ରକ୍ଷା କରିବା ଦାବିରେ ସମସ୍ତ ନିଷ୍ପେସିତ ଜନସାଧାରଣଙ୍କୁ ଐକ୍ୟବଦ୍ଧ ଗଣ ଆନ୍ଦୋଳନ ଗଢି ତୋଳିବା ପାଇଁ ଉକ୍ତ କନ୍‌ଭେନ୍‌ସନ୍ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସାଧାରଣ ସଂପାଦକ ବିଶ୍ୱମ୍ଭର ମୁରା, ସର୍ବଭାରତୀୟ ସଭାପତି ଶମ୍ଭୁନାଥ ନାଏକ, ମୁଖ୍ୟ ଉପଦେଷ୍ଟା ସ୍ୱପନ ଘୋଷ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜନ ବିରୋଧି ଜଙ୍ଗଲ ସଂରକ୍ଷଣ ସଂଶୋଧନ ଆଇନ୍ -୨୦୨୩ ବିରୁଦ୍ଧରେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଶମ୍ଭୁନାଥ ନାଏକଙ୍କୁ ଅଲ ଇଣ୍ଡିଆ ଜନଅଧିକାର ସୁରକ୍ଷା କମିଟିର ଉପଦେଷ୍ଟା ଏବଂ ସଦାଶିବ ଦାସଙ୍କୁ ଆବାହକ ଭାବରେ କନ୍‌ଭେନସନରେ ମନୋନୀତ କରାଯାଇଛି। ଏହା ବ୍ୟତୀତ ୧୬ ଜଣିଆ ରାଜ୍ୟ କମିଟି ମଧ୍ୟ ଗଠିତ ହୋଇଛି।

# ଗାଜା ଦଖଲ ପାଇଁ ମାର୍କିନ-ଇସ୍ରାଏଲୀ ଚକ୍ରାନ୍ତକୁ ଇସ୍ରାଏଲ କମ୍ୟୁନିଷ୍ଟ ପାର୍ଟିର ଧିକ୍କାର

ଗାଜାରୁ ପାଲେଷ୍ଟାଇନବାସୀଙ୍କର ବିତାଡନ ଏବଂ ଏହି ଅଂଚଳକୁ ଦଖଲ କରିବାପାଇଁ ମାର୍କିନ-ଇସ୍ରାଏଲୀ ଷଡଯନ୍ତ୍ରକୁ ଧିକ୍କାର ଜଣାଇ ଫେବୃୟାରୀ ୫ତାରିଖ ଜାରୀ କରାଯାଇଥିବା ଏକ ବିବୃତ୍ତିରେ ଇସ୍ରାଏଲ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ କୁହାଯାଇଛି ଯେ, - ଏହାର ପରିଣତି ଭୟାବହ ହେବ। ବିଶ୍ୱର ଜନସାଧାରଣ ପାଲେଷ୍ଟାଇନର ଜନସାଧାରଙ୍କର ନିଜସ୍ୱ ରାଷ୍ଟ୍ର ପ୍ରତିଷ୍ଠାର ଦାବିକୁ ସମର୍ଥନ କରି ପୂର୍ବ ଜେରୁଜେଲମ୍‌କୁ ଏହାର ରାଜଧାନୀ ହିସାବରେ ଘୋଷଣା କରିବା ପାଇଁ ଉପସ୍ଥାପିତ କରିଥିବା ଦାବିକୁ ସମସ୍ତ ସ୍ୱାଧୀନତା ଓ ଗଣତନ୍ତ୍ରପ୍ରେମୀ ଜନସାଧାଣ ସଂପୂର୍ଣ୍ଣ ଭାବରେ ସମର୍ଥନ କରିବା ଉଚିତ। ଗାଜାର ଅଧିବାସୀମାନଙ୍କୁ ବିତାଡିତ କରିବା ମାନବତା ବିରୁଦ୍ଧରେ ଚରମ ଅପରାଧ ଏବଂ ଆନ୍ତର୍ଜାତୀୟ ଆଇନର ନଗ୍ନ ଉଲଂଘନ ବୋଲି ଆମେ ମନେକରୁ। ବିବୃତ୍ତିରେ ଆହୁରି ମଧ୍ୟ କୁହାଯାଇଛି ଯେ, ଗାଜାର ଭବିଷ୍ୟତ କଣ ହେବ ତାହା ପାଲେଷ୍ଟାଇନ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଗଠିତ ପାଲେଷ୍ଟାଇନୀୟ ରାଷ୍ଟ୍ର ହିଁ ସ୍ଥିର କରିବ।

ଟ୍ରମ୍ପଙ୍କର ସାମ୍ରାଜ୍ୟବାଦୀ ପରିକଳ୍ପନା ଏବଂ ଗାଜାକୁ ପାଲେଷ୍ଟାଇନୀୟ ଶୂନ୍ୟ କରି ଏହି ଭୂଖଣ୍ଡକୁ ଆମେରିକାର ଦଖଲକୁ ନେବା ପାଇଁ ଘୋଷଣା ବାସ୍ତବରେ ଗାଜାର ଜନସାଧାରଣଙ୍କ ବିରୁଦ୍ଧରେ ଆଉ ଏକ ଯୁଦ୍ଧ ଘୋଷଣା ବୋଲି ଆମେ ମନେକରୁଛୁ। ଗାଜାର ଜନସାଧାରଣ ସେମାନଙ୍କ ମାତୃଭୂମିରେ ହିଁ ବସବାସ କରିବେ ଏବଂ ବିଧ୍ୱସ୍ତ ଭୂଖଣ୍ଡକୁ ନୂଆକରି ପୁନଃ ନିର୍ମାଣ କରିବେ। ଆମେ ଆହୁରି ମଧ୍ୟ ମନେକରୁ ଯେ 'ଦୁଇ ରାଷ୍ଟ୍ର ସୂତ୍ର' କୁ କାର୍ଯ୍ୟକାରୀ କରି ହିଁ ପାଲେଷ୍ଟାଇନୀୟ ସମସ୍ୟାର ସମାଧାନ ସମ୍ଭବ।

# ଏଆଇୟୁଟିୟୁସି ପକ୍ଷରୁ କଟକ ଏବଂ ଖୋର୍ଦ୍ଧା ଠାରେ ଶ୍ରମିକ ବିକ୍ଷୋଭ

ଏଆଇୟୁଟିୟୁସି ସର୍ବଭାରତୀୟ କମିଟି ପକ୍ଷରୁ ଶ୍ରମଜୀବୀ ଜନସାଧାରଣଙ୍କ ବିଭିନ୍ନ ଦାବି ପୂରଣ ପାଇଁ ଦିଆଯାଇଥିବା ପ୍ରତିବାଦ ସପ୍ତାହ ପରିପ୍ରେକ୍ଷୀରେ ଫେବୃଆରୀ ୧୫ ତାରିଖରେ କଟକ ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଶ୍ରମିକ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ଶ୍ରମିକ-କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ୍ ଓ ଅନ୍ୟାନ୍ୟ କଳା ଆଇନ ପ୍ରତ୍ୟାହାର କରିବା, ସମସ୍ତ ବେକାର ଯୁବକ-ଯୁବତୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ସ୍ଥାୟୀ କାମରେ ଠିକା ଓ ଅସ୍ଥାୟୀ ନୀତି ବନ୍ଦ କରି ସ୍ଥାୟୀ କାମରେ ସ୍ଥାୟୀ ନିଯୁକ୍ତି ଦେବା, ସମାନ କାମରେ ସମାନ ମଜୁରୀ ଦେବା ସହ ଆଉଟସୋର୍ସିଂ ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ସରକାରୀ ସ୍କିମରେ ନିଯୁକ୍ତ ମଧ୍ୟାହ୍ନ ଭୋଜନ ପାଚିକା-ସହାୟିକା, ଆଶା, ଅଙ୍ଗନବାଡି କର୍ମୀ-ସହାୟକ ମାନଙ୍କୁ ସରକାରୀ କର୍ମଚାରୀ ଭାବେ ସ୍ଥାୟୀ ନିଯୁକ୍ତି ଦେବା, ରାଜ୍ୟ







ସରକାର ସ୍କିମରେ ନିଯୁକ୍ତ ସ୍ୱାବଲମ୍ବୀ କାରିଗରମାନଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା ଦେବା, ଜନବିରୋଧୀ ବିଦ୍ୟୁତ ଆଇନ- ୨୦୨୩ ଏବଂ ବିଦ୍ୟୁତ ସଂଶୋଧନ ବିଲ୍- ୨୦୨୨କୁ ପ୍ରତ୍ୟାହାର କରିବା, ରାଷ୍ଟ୍ରାୟତ୍ତ ଓ ସରକାରୀ ଉଦ୍ୟୋଗ ଗୁଡିକର ଘରୋଇକରଣ ବନ୍ଦ କରିବା, ସୁପ୍ରିମକୋର୍ଟ ରାୟ ଓ ୧୫ତମ ଶ୍ରମ ସମ୍ମିଳନୀର ସୁପାରିଶ ଅନୁସାରେ ସର୍ବନିମ୍ନ ମଜୁରୀ ୨୮ ହଜାର ଟଙ୍କା ନିର୍ଦ୍ଧାରଣ କରିବା ଶ୍ରମିକମାନଙ୍କର ପ୍ରମୁଖ ଦାବି ଥିଲା।

**କଟକ -** ଏହି ବିକ୍ଷୋଭ ସ୍ଥଳରେ ଏଆଇୟୁଟିୟୁସିର ଜିଲା ସଂପାଦକ କମ୍ରେଡ ରାଜକିଶୋର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏସୟୁସିଆଇ(ସି) ଜିଲ୍ଲା ସଂପାଦକ ବିଶ୍ୱାବସୁ ଦାସ, ଏଆଇୟୁଟିୟୁସି ଜିଲ୍ଲା ସଭାପତି ଖଗେଶ୍ୱର ସେଠୀ, ଜିଲ୍ଲା ନେତା ସୌଭାଗ୍ୟ ସାମଲ, ପରମାନନ୍ଦ ସେଠୀ, ଭାଗିରଥୀ ଭୋଇ, ରେଣୁବାଳା ମହାରଣା, ମାନଗୋବିନ୍ଦ ପଣ୍ଡା, ଲାବଣ୍ୟ ପ୍ରଭା ଦାସ ଓ ସୁକାନ୍ତ ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ୨୬ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଦିଆଯାଇଛି।

**ଖୋର୍ଦ୍ଧା।** - ଫେବୃୟାରୀ ୧୫ତାରିଖରେ ଏଆଇୟୁଟିୟୁସି ଖୋର୍ଦ୍ଧା ସାଂଗଠନିକ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଙ୍ଗଠନର ସଭାପତି କମ୍ରେଡ ଅଶୋକ ସାହୁ, ଜିତେନ୍ଦ୍ର ବଳବନ୍ତରାୟ, ଅରୁଣ ନାୟକ, ଲାଲା ଜୟସିଂହ, ସନ୍ତୋଷ ପୃଷ୍ଟି , ବିଜୟ ପ୍ରଧାନ, କନକଲତା ସାହୁ, କନକଲତା ଭୂୟାଁ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

# ସପ୍ତାହରେ ୯୦ଘ[। କାମ କରିବା ପ୍ରସ୍ତାବକୁ ଏଆଇୟୁଟିୟୁସିର ତୀବ୍ର ବିରୋଧ

ଶ୍ରମିକ କର୍ମଚାରୀ ସପ୍ତାହରେ ୯୦ ଘଣ୍ଟା କାମ କରିବା ଉଚିତ। ଲାର୍ସନ ଏଣ୍ଡ ଟ୍ୟୁବ୍ରୋର ଚେୟାରମ୍ୟାନ ଓ ମାନେଜିଂ ଡାଇରେକ୍ଟର ଏସ୍.ଏନ୍. ସୁବ୍ରମଣ୍ୟମଙ୍କର ଏହି ପ୍ରସ୍ତାବକୁ ଶ୍ରମିକ ସଂଗଠନ ଏଆଇୟୁଟିୟୁସିର ସାଧାରଣ ସଂପାଦକ ଶଙ୍କର ଦାସଗୁପ୍ତ ତୀବ୍ର ବିରୋଧ କରିଛନ୍ତି। କମ୍ରେଡ ଦାଶଗୁପ୍ତ ଏକ ବିବୃତ୍ତି ଦେଇ କହିଛନ୍ତି ଯେ, ଏହି ଅମାନବୀୟ ପ୍ରସ୍ତାବକୁ ଏଆଇୟୁଟିୟୁସିର ସର୍ବଭାରତୀୟ କମିଟି ତୀବ୍ର ନିନ୍ଦା କରିବା ସଙ୍ଗେ ସଙ୍ଗେ ଗଭୀର ଉଦ୍‌ବେଗ ପ୍ରକାଶ କରିଛି।

କମ୍ରେଡ୍ ଦାଶଗୁପ୍ତ ଆହୁରି କହିଛନ୍ତି ଦଶକ ପରେ ଦଶକ ଲଢେଇ କରି ସପ୍ତାହରେ ୪୮ଘଣ୍ଟା(ଅର୍ଥାତ୍ ଦୈନିକ ୮ଘଣ୍ଟା) ଶ୍ରମ ଅଧିକାର ସାରା ବିଶ୍ୱର ଶ୍ରମିକଶ୍ରେଣୀ ଅର୍ଜନ କରିଛି। ଏହି ସଂଗ୍ରାମ ସହିତ ଐତିହାସିକ ମଇ ଦିବସ ଅଙ୍ଗାଙ୍ଗୀ ଭାବେ ଜଡିତ ହୋଇ ରହିଛି। ଆନ୍ତର୍ଜାତିକ ଶ୍ରମିକ ସଂଘର କନ୍‌ଭେନ୍‌ସନରେ ଏକଥା କୁହାଯାଇଛି ଯେ ଜାତି ଗଠନରେ ଦେଶର ମାନବଶକ୍ତିକୁ ଯଥାଯଥ ଭାବେ ବ୍ୟବହାର କରିବା ହେଉଛି ଗୋଟିଏ ରାଷ୍ଟ୍ରର ପ୍ରାଥମିକ ଦାୟିତ୍ୱ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତ ହେଉଛି ଏହି କନ୍‌ଭେନ୍‌ସନ୍‌ରେ ସ୍ୱାକ୍ଷରକାରୀ ସଦସ୍ୟ।

ବର୍ତ୍ତମାନ ଏଭଳି ନୀତି ସବୁ ନିର୍ଦ୍ଧାରିତ ହେଉଛି ଯେ, କାମର ସୁଯୋଗ ଅତି ଦ୍ରୁତ କମୁଛି ଏବଂ ଏହାର ଅବଶ୍ୟମ୍ଭାବୀ ଫଳ ସ୍ୱରୂପ ଶ୍ରମିକମାନଙ୍କ ଉପରେ କାମର ବୋଝ ବଢୁଛି। ବେକାରୀ ସମସ୍ୟା ଉତ୍ତୋରତ୍ତର ବୃଦ୍ଧି ଯୋଗୁ କର୍ମହୀନ ଯୁବକ ଯୁବତୀ ଅନେକ ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛନ୍ତି।

ଏହି ପରିସ୍ଥିତିରେ ଜାତି ଓ ଦେଶ ଗଠନର ଦୁହାଇ ଦେଇ "ସପ୍ତାହରେ ୯୦ଘଣ୍ଟା କାମ" ବାସ୍ତବରେ କର୍ପୋରେଟ ମାଲିକ ମାନଙ୍କର ଅତ୍ୟଧିକ ମୁନାଫା ଲୁଟର ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ଉଦ୍ଦିଷ୍ଟ। ଏହି ଉଦ୍ଦେଶ୍ୟ ଚରିତାର୍ଥ କରିବାପାଇଁ ଏହି ପ୍ରସ୍ତାବ କେବଳ ଶ୍ରମିକ ଶ୍ରେଣୀକୁ ମଧ୍ୟଯୁଗୀୟ ଶୋଷଣର ଯନ୍ତା ମଧ୍ୟକୁ ଠେଲି ଦେବ ନାହିଁ ବରଂ ଶ୍ରମିକମାନଙ୍କ ଦୁର୍ଦ୍ଦଶାକୁ ଆହୁରି ବହୁଗୁଣିତ କରିବା ସଙ୍ଗେ ସଙ୍ଗେ ଶ୍ରମିକ ମାନଙ୍କର ଏକ ବିରାଟ ଅଂଶକୁ ବେକାର କରିବ ଏବଂ ଶ୍ରମିକମାନଙ୍କ ହାତରୁ କାମର ସୁଯୋଗ ଛଡାଇ ନେବ।

ଏହି ପରିପ୍ରେକ୍ଷୀରେ ଦେଶର କ୍ରମବର୍ଦ୍ଧମାନ ବେକାରୀ ସମସ୍ୟା ସମାଧାନ ପାଇଁ ପ୍ରଚଳିତ ୪୮ଘଣ୍ଟା କର୍ମ ସପ୍ତାହ ପରିବର୍ତ୍ତେ ୩୬ଘଣ୍ଟା କର୍ମ ସପ୍ତାହ ପ୍ରଚଳନ କରାଯିବା ଆବଶ୍ୟକ। କିନ୍ତୁ ପୁଞ୍ଜିପତି ଶ୍ରେଣୀ ୯୦ଘଣ୍ଟା କର୍ମ ସପ୍ତାହର ଭଜନ ଗାଉଛନ୍ତି। ୩୬ଘଣ୍ଟା କର୍ମ ସପ୍ତାହ ପ୍ରଚଳନ ଦାବିରେ ଶକ୍ତିଶାଳୀ ଐକ୍ୟବଦ୍ଧ ଗଣଆନ୍ଦୋଳନ ଗଢିତୋଳିବା ପାଇଁ ଆମେ ସମସ୍ତ ଶ୍ରମଜୀବୀ ଜନସାଧାରଣ ଏବଂ କାମର ସନ୍ଧାନରେ ଥିବା ବେକାର ଯୁବକ-ଯୁବତୀ ମାନଙ୍କୁ ଆହ୍ୱାନ ଦେଉଛୁ।

# ନୂତନ ଜାତୀୟ କୃଷି ବଜାର ନୀତି ସମ୍ପର୍କିତ ଚିଠା କାର୍ଯ୍ୟତଃ ବାତିଲ ହୋଇଥିବା ତିନିଟି ଜନବିରୋଧୀ, କୃଷକ ବିରୋଧୀ କଳା ଆଇନର ପୁନଃ ପ୍ରବର୍ତ୍ତନ - *ଶେଷ ଭାଗ*

**(ସଂପ୍ରତି କେନ୍ଦ୍ର ବିଜେପି ସରକାର ଦେଶର ଚାଷୀ ମାନଙ୍କୁ ସେମାନଙ୍କ ଫସଲର ଉପଯୁକ୍ତ ଦାମ ପାଇବାର ସୁଯୋଗ ସୃଷ୍ଟି କରିବା ଆଳରେ କୃଷିଜାତ ସାମଗ୍ରୀର ଖରିଦ ବିକ୍ରି ସଂକ୍ରାନ୍ତିୟ ଏକ ଚିଠା ଦଲିଲ ଜାରୀ କରିଛନ୍ତି। ଏହି ଦଲିଲରେ ବିଭିନ୍ନ ମାରାତ୍ମକ ଦିଗ ସଂପର୍କରେ ପ୍ରସ୍ତୁତ ନିବନ୍ଧର ପ୍ରଥମ ଭାଗ ସର୍ବହରା କ୍ରାନ୍ତିର ଫେବୃୟାରୀ ୧ ସଂଖ୍ୟାରେ ପ୍ରକାଶିତ ହୋଇଥିଲା। ଏହି ନିବନ୍ଧର ଶେଷଭାଗ ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ପ୍ରକାଶ କରାଯାଉଛି-ସଂପାଦକ, ସର୍ବହରା କ୍ରାନ୍ତି)**

ନିବନ୍ଧର ପ୍ରଥମ ଭାଗରେ ଦର୍ଶାଯାଇଛି ଯେ ଦେଶର ଚାଷୀ ମାନଙ୍କ ପାଇଁ ଏକ ଲାଭ ପ୍ରଦାନକାରୀ, ପ୍ରତିଯୋଗିତାମୂଳକ କୃଷି ବଜାର ସୃଷ୍ଟି କରିବା ଆଳରେ ଏହି କ୍ଷେତ୍ରରେ ଏକଚାଟିଆ ପୁଞ୍ଜିପତି ମାନଙ୍କର ଅବାଧ ପ୍ରବେଶ ସପକ୍ଷରେ ଏହି ଚିଠା ଦଲିଲରେ ଯୁକ୍ତି ଉପସ୍ଥାପନ କରାଯାଇଛି।

ତେବେ ପ୍ରଶ୍ନ ଉଠୁଛି ଚାଷୀ ମାନେ କ'ଣ ଫସଲ ବିକ୍ରି ବଜାରର ଘରୋଇକରଣ କରିବାପାଇଁ ଦାବି କରୁଛନ୍ତି ? ନା ସେମାନେ ଏଭଳି ଦାବି କରୁ ନାହାନ୍ତି, କାରଣ ସେମାନେ ଜାଣନ୍ତି ଯେ ଘରୋଇକରଣ ହିଁ ସେମାନଙ୍କ ଜୀବନକୁ ଦୁର୍ବିସହ କରୁଚି। ବିହନ, ସାର, କୀଟ ନାଶକ ଇତ୍ୟାଦିର ଘରୋଇକରଣର ପରିଣାମ କ'ଣ ହୋଇଛି ? ଏସବୁର ଦର ଏତେ ବଢି ଯାଇଛି ଯେ ଚାଷୀ ପକ୍ଷରେ ଚାଷ କରିବା କଷ୍ଟକର ହୋଇ ପଡ଼ିଛି। ଚାଷୀ ଭଲ ଭାବରେ ଜାଣେ ଯେ, ଏକଚାଟିଆ ପୁଞ୍ଜିପତି ଓ ବହୁଜାତୀୟ କମ୍ପାନୀ ମାନେ ତାଙ୍କ ମିତ୍ର ନୁହନ୍ତି, ଶତ୍ରୁ। ଚାଷୀ ମାନଙ୍କର ଶେଷ ରକ୍ତ ବିନ୍ଦୁଟି ଶୋଷି ନେଇ ମୁନାଫା ଅର୍ଜନ କରିବା ହେଉଛି ସେମାନଙ୍କର ଲକ୍ଷ୍ୟ। ସେଥିପାଇଁ ଦେଶର ଚାଷୀ ସମସ୍ତ ଶକ୍ତି ଦେଇ କୃଷି କ୍ଷେତ୍ରର ଘରୋଇକାରଣର ତୀବ୍ର ବିରୋଧ କରୁଛନ୍ତି।

### ନୂଆ ଚିଠା ନୀତିର କେତେକ ଚାଷୀ ସ୍ୱାର୍ଥ ବିରୋଧୀ ଦିଗ

ବର୍ତ୍ତମାନ କେନ୍ଦ୍ର ସରକାର ଦ୍ୱାରା ଜାରି ହୋଇଥିବା ଖସଡ଼ାର କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରାଯାଉ। ପ୍ରଥମତଃ, କିଭଳି ଭାବରେ କୃଷି ପଣ୍ୟରେ ବ୍ୟବସାୟ କରୁଥିବା ଏକ ଶକ୍ତିଶାଳୀ ଗୋଷ୍ଠୀ ମାନଙ୍କର ଅସାଧୁ ମେଣ୍ଟ ଚାଷୀକୁ ତା ଫସଲର ଉପଯୁକ୍ତ ଦରରୁ ବଂଚିତ କରୁଚି ଆମେ ସେ ବିଷୟରେ ପୂର୍ବରୁ ଆଲୋଚନା କରିଛୁ। ଯଦି କୌଣସି ସରକାର ଚାଷୀ ମାନଙ୍କୁ ଫସଲର ଉଚିତ୍ ମୂଲ୍ୟ ଦେବାକୁ ଚାହେଁ ତାହେଲେ ସେହି ସରକାର କୁ ସର୍ବପ୍ରଥମ ଏହି ଅସାଧୁ ମେଣ୍ଟକୁ ଭାଙ୍ଗିବାକୁ ପଡ଼ିବ। ମାତ୍ର କେନ୍ଦ୍ର ସରକାର ଜାରି କରିଥିବା ଖସଡ଼ା ଏହି ଅସାଧୁ ମେଣ୍ଟକୁ ଆହୁରି ସୁଦୃଢ କରିବ ଏବଂ ଚାଷୀକୁ ଆହୁରି ଅକଥନୀୟ ଶୋଷଣର ଶିକାର କରିବ। ଦ୍ୱିତୀୟତଃ ସରକାରଙ୍କ ଚିଠା ଅନୁଯାୟୀ ଚାଷୀର କ୍ଷେତରୁ ଫସଲ ଖାଦ୍ୟ ପ୍ରକ୍ରିୟାକରଣ କାରଖାନା ରେ ପହଞ୍ଚିବା ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା ଘରୋଇ - ସରକାରୀ ସହଭାଗିତା (Public - Private Partnership ବା PPP)ରେ କରାଯିବ। ଏହାର ଅର୍ଥ ହେଉଛି ସମସ୍ତ ପ୍ରକାର ଖାଦ୍ୟ ସାମଗ୍ରୀରେ ବ୍ୟବସାୟ କରିବାର ଅଧିକାର ବ୍ୟବସାୟୀ, ବିଶେଷ କରି ଏକଚାଟିଆ ପୁଞ୍ଜିପତି ମାନଙ୍କ ହାତକୁ ଟେକି ଦିଆଯିବ। ଯାହା ଫଳରେ କେବଳ ଚାଷୀ ଆହୁରି ସର୍ବସ୍ୱାନ୍ତ ହେବନାହିଁ, ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ପାଇବ, କାରଣ ପୁଞ୍ଜିପତି ମାନଙ୍କର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଲାଭ ଓ ସର୍ବୋଚ୍ଚ ସମ୍ଭବ ଲାଭ ଲୁଟ। ତୃତୀୟତଃ, ଏହି ଚିଠା ପ୍ରସ୍ତାବ ଅନୁଯାୟୀ ସମଗ୍ର କୃଷି ପଣ୍ୟ କାରବାର ସରକାରଙ୍କ ନିୟନ୍ତ୍ରଣରୁ ମୁକ୍ତ ହେବ। ଏହା ଫଳରେ ଘରୋଇ କମ୍ପାନୀ ବିଶେଷ କରି ବହୁ ଜାତୀୟ କମ୍ପାନୀ ମାନେ କୃଷି ପଣ୍ୟ ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ବିକ୍ରି ଖରିଦ କ୍ଷେତ୍ରରେ ସଂପୂର୍ଣ୍ଣ ଏକାଧିପତ୍ୟ ଜାହିର କରିବେ ଏବଂ ଅତ୍ୟନ୍ତ ସ୍ୱଳ୍ପ ମୂଲ୍ୟରେ ଚାଷୀ ଠାରୁ ଫସଲ କିଣି ମନ ଇଚ୍ଛା ଚଢ଼ା ଦରରେ ଖାଉଟିଙ୍କୁ ବିକ୍ରି କରିବେ। କମ୍ପାନୀ ମାନଙ୍କର ଏହି ଅଧିକାର ହେବ ସଂପୂର୍ଣ୍ଣ ଏକଚାଟିଆ। ଏହାର ପରିଣାମରେ ବଡ଼ ବଡ଼ ଏକଚାଟିଆ କର୍ପୋରେଟ ମାନଙ୍କର ସମଗ୍ର ବ୍ୟବସ୍ଥା ଉପରେ ନିରଙ୍କୁଶ ଆଧିପତ୍ୟ ପ୍ରତିଷ୍ଠା ହେବ, ଆଜି ଚାଷୀ ର ଯାହାବି ସାମାନ୍ୟ ମୂଲଚାଲ କରିବାର କ୍ଷମତା ରହିଛି ତାହା ନିଃଶେଷ ହେବ, ଛୋଟ ଛୋଟ ବ୍ୟବସାୟୀ ନିଶ୍ଚିହ୍ନ ହେବେ, ଛୋଟ ଦୋକାନୀଙ୍କ ଦୋକାନ ବନ୍ଦ ହେବ। କୋଟି କୋଟି ପରିବାର ଜୀବିକା ହରାଇବେ। ଚତୁର୍ଥତଃ, ଚିଠା ପ୍ରସ୍ତାବ ଅନୁଯାୟୀ କୃଷକ ଉତ୍ପାଦନକାରୀ ସଂଗଠନ (Farmer Producer Organisation) ଜରିଆରେ ଏ କ୍ଷେତ୍ରଟି ମଧ୍ୟ ଫଟକା ବଜାର କାରବାର ସହିତ ସଂଶ୍ଳିଷ୍ଟ ହେବ। ଏହା ଫଳରେ ସମଗ୍ର କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ଉପରେ କର୍ପୋରେଟ ଏକାଧିପତ୍ୟ ପ୍ରତିଷ୍ଠା ହେବା ସଂଗେସଂଗେ ଦଲାଲ ମାନଙ୍କ ଦ୍ୱାରା ଖାଦ୍ୟ ପଦାର୍ଥର ଦରଦାମରେ କୃତ୍ରିମ ବୃଦ୍ଧି ଘଟିବା ପାଇଁ ପଥ ପ୍ରଶସ୍ତ ହେବ। ଏହାର ପରିଣାମ ଭୟାବହ ହେବ - ଫସଲର ଉପଯୁକ୍ତ ଦରରୁ ବଂଚିତ ଚାଷୀ ଆହୁରି ଋଣ ଗ୍ରସ୍ତ ହେବ, ବିକଳ୍ପ ଜୀବିକାର ସନ୍ଧାନରେ ଆହୁରି ଅଧିକରୁ ଅଧିକ ଦାଦନ ଶ୍ରମିକରେ ପରିଣତ ହେବେ, ବେକାରୀ ଆହୁରି ଉତ୍କଟ ହେବ, ଚାଷୀ ଆତ୍ମହତ୍ୟା ବଢ଼ି ଚାଲିବ। ଅର୍ଥାତ୍ ଚାଷୀ ମୂଲିଆ ଓ ବିଭିନ୍ନ କ୍ଷେତ୍ରରେ ଥିବା ମେହେନତି ଲୋକଙ୍କ ଅବସ୍ଥା ଆହୁରି ଖରାପ ହେବ। ପଞ୍ଚମତଃ, ଏହି ଚିଠାରେ ବଜାର ଓ ଦାମ୍ କ୍ଷେତ୍ରରେ ସମ୍ଭାବ୍ୟ ଅସନ୍ତୁଳନକୁ ଦୂର କରିବାର ବ୍ୟବସ୍ଥା ଭାବରେ ଚୁକ୍ତି ଚାଷ (Contract Farming) ପ୍ରଚଳନ ଉପରେ ଗୁରୁତ୍ୱ ଦିଆଯାଇଛି। ଚୁକ୍ତି ଚାଷ ଏକ ନୂଆ ବ୍ୟବସ୍ଥା ନୁହେଁ। ଜଗତୀକରଣ ନୀତି ଲାଗୁ ହେବା ସମୟରୁ ହିଁ ଚୁକ୍ତି ଚାଷ ପ୍ରଚଳନ ପାଇଁ ଏକଚାଟିଆ ପୁଞ୍ଜିପତି ମାନେ ଉଦ୍ୟମ କରି ଆସୁଛନ୍ତି। ତେବେ ମୂଳ କଥା ହେଉଛି କାହା କାହା ମଧ୍ୟରେ ଚୁକ୍ତି ? ଗୋଟିଏ ପଟରେ ନିଜ ସପକ୍ଷରେ ସମଗ୍ର ରାଷ୍ଟ୍ର ବ୍ୟବସ୍ଥାକୁ ପ୍ରଭାବିତ କରିବାର କ୍ଷମତାଧାରୀ ବିଶାଳକାୟ ଏକଚାଟିଆ ପୁଞ୍ଜିପତି, ବହୁ ଦେଶୀୟ କମ୍ପାନୀ ଓ କର୍ପୋରେଟ ହାଉସ ଓ ଅନ୍ୟ ଦିଗରେ କଙ୍କାଳସାର କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀ। ଏକଚାଟିଆ ପୁଞ୍ଜିପତି ମାନେ ଫସଲର କ୍ରେତା ଓ ଏହି ଦରିଦ୍ର ଚାଷୀ ମାନେ ବିକ୍ରେତା। ଏମାନଙ୍କ ମଧ୍ୟରେ ଯେ କୌଣସି ଚୁକ୍ତି ଶକ୍ତିଶାଳୀର ସପକ୍ଷରେ ଯିବା ନିଶ୍ଚିତ। ପୁଣି କେନ୍ଦ୍ର ଓ ରାଜ୍ୟ ସରକାରମାନେ ଯେତେବେଳେ ଖୋଲାଖୋଲି ଭାବରେ ଏହି କମ୍ପାନୀମାନଙ୍କ ସେବାରେ ଲିପ୍ତ ସେତେବେଳେ ଦରିଦ୍ର ଚାଷୀକୁ ସୁରକ୍ଷା ଦେବ କିଏ ? ଥରେ ଚୁକ୍ତିର ଜାଲରେ ପଡ଼ିଲେ ଚାଷୀ ଆଉ ସେଥିରୁ ବାହାରିବା ପାଇଁ ବାଟ ପାଇବ ନାହିଁ। ଷଷ୍ଠତଃ, ଚିଠା ପ୍ରସ୍ତାବରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଭଳି ଏକ ବୀମା ଯୋଜନା (Price Insurance Scheme) ଚାଲୁ କରିବାର ପ୍ରସ୍ତାବ ରହିଛି । ତେବେ ପ୍ରଶ୍ନ ହେଉଛି ଏହି ବହୁ ପ୍ରଚାରିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କିଏ ଉପକୃତ ହୋଇଛି ? ସମ୍ବାଦପତ୍ର ମାନଙ୍କରେ ପ୍ରକାଶିତ ଖବର ଅନୁଯାୟୀ ଏହି ବୀମା ଯୋଜନା ଘରୋଇ ବୀମା କମ୍ପାନୀ ମାନଙ୍କପାଇଁ ଲାଭ ଲୁଟ କରିବା ଯୋଜନା ବୋଲି ସାବ୍ୟସ୍ତ ହୋଇଚି। ଏହି ଯୋଜନାରେ ଘରୋଇ କମ୍ପାନୀମାନେ ଆଦାୟ କରୁଥିବା ଦେୟ (Premiun)ର ଶତକଡା ୯୭ ଭାଗ ଲାଭ ଆକାରରେ ଆତ୍ମସାତ କରୁଥିଲାବେଳେ ମାତ୍ର ଶତକଡା ୬.୬୧ ଭାଗ ଆବେଦନକାରୀ ବୀମା କ୍ଷତିପୂରଣ ପାଇଛନ୍ତି। କେତେକ କ୍ଷତିଗ୍ରସ୍ତ ଚାଷୀ ମାତ୍ର ୧ ୨ ଟଙ୍କା କ୍ଷତିପୂରଣ ପାଇଥିବ କଥା ସମ୍ବାଦପତ୍ରରେ ପ୍ରକାଶିତ ହୋଇଛି। ଏହି ଅଭିଜ୍ଞତାରୁ ହିଁ ବୁଝି ହେବ ଉପରୋକ୍ତ ଚିଠାରେ ଉଲ୍ଲେଖ ଥିବା ବୀମା ଯୋଜନା ପ୍ରଣୟନ କରାଗଲେ ଚାଷୀର କି ଉପକାର ହେବ !

ଉପର ଆଲୋଚନାରୁ ସ୍ପଷ୍ଟ ହେଉଛି ଯେ ସମଗ୍ର କୃଷି ପଣ୍ୟର ଖରିଦ ବିକ୍ରିକୁ ବଡ଼ ବଡ଼ କର୍ପୋରେଟ ମାନଙ୍କ ହାତକୁ ଟେକି ଦେବାହିଁ କେନ୍ଦ୍ର ବିଜେପି ସରକାରର ପ୍ରସ୍ତାବିତ ସଂସ୍କାରର ମୂଳ ଉଦ୍ଦେଶ୍ୟ।

### ଖାଦ୍ୟ ସାମଗ୍ରୀର ସର୍ବାତ୍ମକ ରାଷ୍ଟ୍ରୀୟ ବାଣିଜ୍ୟ

ଏହି ପରିସ୍ଥିତିରେ କେନ୍ଦ୍ର ବିଜେପି ସରକାରର ସକ୍ରିୟ ସହଯୋଗରେ ଦେଶୀ ବିଦେଶୀ ଏକଚାଟିଆ ପୁଞ୍ଜିପତି, ବହୁଜାତୀୟ କମ୍ପାନୀ ଓ କର୍ପୋରେଟ ହାଉସ ମାନଙ୍କର ଏହି ଧରଣର ଷଡ଼ଯନ୍ତ୍ର କୁ ବିଫଳ କରିବାପାଇଁ ଦେଶର ଚାଷୀ, ମୂଲିଆ, ଶ୍ରମିକ ତଥା ସର୍ବସ୍ତରର ସାଧାରଣ ଲୋକ ବଦ୍ଧ ପରିକର। ଦିଲ୍ଲୀ ସୀମାନ୍ତରେ ସେମାନେ ସେମାନଙ୍କ ଶକ୍ତି ପ୍ରଦର୍ଶନ କରିଛନ୍ତି। ଆବଶ୍ୟକ ହେଲେ ସେମାନେ ପୁନର୍ବାର ରାସ୍ତାକୁ ଓହ୍ଲାଇବେ। ଏ ବାବଦରେ ଜନ ସାଧାରଣଙ୍କ ଦାବି ହେଉଛି - ଅତ୍ୟାବଶ୍ୟକ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଓ ଖାଦ୍ୟ ଦ୍ରବ୍ୟର ବ୍ୟବସାୟରୁ ପୁଞ୍ଜିପତି ମାନଙ୍କୁ ବହିଷ୍କାର, ଏମଏସପିକୁ ଆଇନଗତ ମାନ୍ୟତା ପ୍ରଦାନ ଓ ସ୍ୱାମୀନାଥନ କମିଶନର ସୁପାରିସ ଆଧାରରେ ଫସଲର ଏମଏସପି ନିର୍ଦ୍ଧାରଣ, ଉତ୍ପାଦିତ ସମସ୍ତ ଫସଲ ସରକାର କ୍ରୟ କରିବା, ତୁରନ୍ତ ସର୍ବାତ୍ମକ ରାଷ୍ଟ୍ରୀୟ ବାଣିଜ୍ୟ ବ୍ୟବସ୍ଥା ପ୍ରଚଳନ କରିବା।

ଖାଦ୍ୟଦ୍ରବ୍ୟ ଓ ନିତ୍ୟପ୍ରୟୋଜନୀୟ ସାମଗ୍ରୀର ରାଷ୍ଟ୍ରାୟତ୍ତ ବାଣିଜ୍ୟର ଅର୍ଥ କଣ ? ଏହାର ଅର୍ଥ ହେଉଚି କୌଣସି ଖାଦ୍ୟ ସାମଗ୍ରୀ ଓ ନିତ୍ୟପ୍ରୟୋଜନୀୟ ଦ୍ରବ୍ୟର ଖରିଦ ବିକ୍ରିରେ ବ୍ୟବସାୟୀ ମାନଙ୍କର କୌଣସି ସଂପୃକ୍ତି ରହିବ ନାହିଁ। ସରକାର ଚାଷୀ ମାନଙ୍କ ଠାରୁ ଉଚିତ୍ ମୂଲ୍ୟ ଦେଇ ସିଧା ସଳଖ ଖାଦ୍ୟ ସାମଗ୍ରୀ କ୍ରୟ କରିବ ଏବଂ ଏହାକୁ ଗଣ ବଣ୍ଟନ ବ୍ୟବସ୍ଥା ବା (Public Distribution System) ବା କଣ୍ଟ୍ରୋଲ ଜରିଆରେ ସୁଲଭ ମୂଲ୍ୟରେ ଜନ ସାଧାରଣଙ୍କୁ ଯୋଗାଇଦେବ। ଆବଶ୍ୟକ ହେଲେ ସରକାର ଏଥିପାଇଁ ଆବଶ୍ୟକ ପରିମାଣର ସବସିଡି ଦେବେ। ଖାଦ୍ୟସାମଗ୍ରୀ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିବା ଘରୋଇ ଦୋକାନକୁ ସରକାରୀ ଦୋକାନରେ ପରିଣତ କରାଯିବ। କୌଣସି ସଭ୍ୟ ଦେଶର ସରକାର ଲୋକଙ୍କୁ ଭୋକିଲା ରଖି ଓ ଚାଷୀ ମାନଙ୍କୁ ଶୋଷଣ କରି ବଡ଼ ବଡ଼ ଏକଚାଟିଆ ପୁଞ୍ଜିପତିଙ୍କ ସ୍ୱାର୍ଥରେ ଖାଦ୍ୟ ସାମଗ୍ରୀର କାରବାରର ଘରୋଇକାରଣ କରି ପାରିବନାହିଁ। ପୂର୍ବରୁ କଂଗ୍ରେସ ସରକାର ସର୍ବାତ୍ମକ ରାଷ୍ଟ୍ରୀୟ ବାଣିଜ୍ୟ ପ୍ରଚଳନ କରିନଥିଲା ବିଜେପି ସରକାର ମଧ୍ୟ ସେହି ରାସ୍ତାରେ ଚାଲିଛି। କେବଳ ଚାଲି ନାହିଁ ସମଗ୍ର କୃଷି ବ୍ୟବସ୍ଥାକୁ ଏକଚାଟିଆ ପୁଞ୍ଜିପତିମାନଙ୍କ ହାତକୁ ଟେକିଦେବା ପାଇଁ ବାରମ୍ବାର ଉଦ୍ୟମ କରୁଛି।

### ବିଜେପି ସରକାରର ବିଭ୍ରାନ୍ତି ମୂଳକ ପ୍ରଚାର

ଦେଶର ଜନସାଧାରଣଙ୍କୁ ବିଭ୍ରାନ୍ତ କରିବାପାଇଁ କେନ୍ଦ୍ର ବିଜେପି ସରକାର ଓ ସରକାରଙ୍କ ବସମ୍ବଦ ବୁଦ୍ଧିଜୀବୀ ମାନେ ପ୍ରଚାର କରୁଛନ୍ତି ଯେ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମଏସପିକୁ ଆଇନଗତ ମାନ୍ୟତା ଦେଲେ ଯେଉଁ ବିପୁଳ ପରିମାଣର ଅର୍ଥ ଆବଶ୍ୟକ ହେବ ସେହି ଅର୍ଥ ବ୍ୟୟ କରିବା ବର୍ତ୍ତମାନର ଆର୍ଥିକ ସଙ୍କଟ ସମୟରେ ସରକାରଙ୍କ ପକ୍ଷରେ ସମ୍ଭବ ନୁହେଁ। ଏହି ପରିମାଣର ଅର୍ଥ ବ୍ୟୟ କରାଗଲେ ଦେଶର ଅର୍ଥନୀତି ଭୁଶୁଡ଼ି ପଡ଼ିବ ବୋଲି ସରକାରୀ ଅର୍ଥଶାସ୍ତ୍ର ବିଶାରଦମାନେ ହୁରି ପକାଇଛନ୍ତି। ଆହୁରି ମଧ୍ୟ ସ୍ୱାମୀନାଥନ କମିଶନ ସୁପାରିଶ ଅନୁଯାୟୀ ଫସଲର ଏମଏସପି ଧାର୍ଯ୍ୟ କରାଗଲେ ଚାଷୀ ମାନଙ୍କ ଠାରୁ ଫସଲ ଖରିଦ କରିବା ପାଇଁ ସରକାରଙ୍କୁ ବିପୁଳ ପରିମାଣର ଅର୍ଥ ବ୍ୟୟ କରିବାକୁ ହେବ। ଏହା ଫଳରେ ସମସ୍ତ ଖାଦ୍ୟ ଦ୍ରବ୍ୟ ଓ କୃଷି ପଣ୍ୟର ଦର ବହୁଗୁଣ ବୃଦ୍ଧି ପାଇବ। ଏହାଫଳରେ ସାଧାରଣ ଖାଉଟି ମାରାତ୍ମକ ଅବସ୍ଥାର ସମ୍ମୁଖୀନ ହେବ।

ବର୍ତ୍ତମାନ୍ ଦେଖାଯାଉ ସରକାରଙ୍କ ଏହି ଯୁକ୍ତି କେତେଦୂର ଗ୍ରହଣୀୟ। ପ୍ରଶ୍ନ ଉଠୁଛି ବର୍ତ୍ତମାନ ସ୍ୱାମୀନାଥନ କମିଶନ ସୁପାରିଶ ଆଧାରରେ ଚାଷୀକୁ ଏମଏସପି ଦିଆଯାଉନାହିଁ କିମ୍ବା ଏମଏସପିକୁ ଆଇନଗତ ମାନ୍ୟତା ମିଳିନାହିଁ। ଏହା ସତ୍ତ୍ୱେ ମଧ୍ୟ ଖାଦ୍ୟ ସାମଗ୍ରୀ ସମେତ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦର ହୁ ହୁ ହୋଇ ବଢ଼ି ଚାଲିଛି କାହିଁକି ? ଦିନକୁ ଦିନ ଶିଳ୍ପଜାତ ସାମଗ୍ରୀର ଦର ବଢ଼ି ଚାଲିଛି କାହିଁକି ? ଚାଷୀ ତାର ଫସଲକୁ ଶାଗ ମାଛ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଥିବା ବେଳେ ସାଧାରଣ ଖାଉଟି ତାକୁ ଅତ୍ୟନ୍ତ ଚଢ଼ା ଦରରେ ଖରିଦ୍ କରିବାକୁ ବାଧ୍ୟ ହେଉଛନ୍ତି କାହିଁକି ? ଏହାର କାରଣ ହେଉଛି ଏକଚାଟିଆ ପୁଞ୍ଜିପତି ଏବଂ ସେମାନଙ୍କ ଦଲାଲମାନେ କେନ୍ଦ୍ର ଓ ରାଜ୍ୟମାନଙ୍କରେ କ୍ଷମତାସୀନ ସରକାରମାନଙ୍କ ସହାୟତାରେ ସମଗ୍ର ଦରଦାମ ନିର୍ଦ୍ଧାରଣ ପ୍ରକ୍ରିୟାକୁ ସଂପୂର୍ଣ୍ଣ ଭାବରେ ନିୟନ୍ତ୍ରଣ କରୁଛନ୍ତି। ସୁତରାଂ ଭୋଗ୍ୟପଣ୍ୟର ଦରବୃଦ୍ଧି ସହିତ ସ୍ୱାମୀ ନାଥନ କମିଶନ ସୁପାରିଶ କାର୍ଯ୍ୟକାରୀ କରିବା କିମ୍ବା ଏମଏସପିକୁ ଆଇନର ମାନ୍ୟତା ଦେବାର କୌଣସି ସମ୍ପର୍କ ନାହିଁ। ଏସବୁ କଥା କହି ସରକାର କେବଳ ଲୋକଙ୍କୁ ଭୁଆଁ ବୁଲେଇବା ପାଇଁ ଉଦ୍ୟମ କରୁଛନ୍ତି।

ସରକାରଙ୍କର ଦ୍ୱିତୀୟ ଦାବି ହେଉଛି ସ୍ୱାମୀନାଥନ କମିଶନ ସୁପାରିଶ କରିବା ଓ ଏମଏସପିକୁ ଆଇନ ଗତ ମାନ୍ୟତା ଦେବାପାଇଁ କେନ୍ଦ୍ର ସରକାରଙ୍କର ଅର୍ଥାଭାବ। ଏହା ନିର୍ଭେଜାଲ ମିଥ୍ୟା ପ୍ରଚାର। ଆମେ ଏଠାରେ ସ୍ପଷ୍ଟ କରିଦେବାକୁ ଚାହୁଁ ଯେ ଏମଏସପିକୁ ଆଇନଗତ ମାନ୍ୟତା ଦେବା ଅର୍ଥ ଦେଶରେ ଉତ୍ପାଦିତ ହେଉଥିବା ସମସ୍ତ ଫସଲକୁ ଯେ ସରକାର ଖରିଦ କରିବେ ତା ନୁହେଁ। ଏମ୍ଏସପି ଆଇନଗତ ମାନ୍ୟତା ପାଇଲେ ଏମଏସପି ରୁ କମ୍ ଦରରେ ଫସଲ ବିକ୍ରି ବେଆଇନ ହେବ ଓ ଏହା ଆଇନଗତ ଭାବରେ ଦଣ୍ଡନୀୟ ହେବ। ଅର୍ଥାତ୍ ବିର୍ତ୍ତମାନ ଯେଭଳି ଫସଲର ଅଭାବୀ ବିକ୍ରି ହେଉଛି ଏବଂ ଚାଷୀର ଅସହାୟତାର ସୁଯୋଗ ନେଇ ବ୍ୟବସାୟୀମାନେ ଏମ୍ଏସ୍ପିରୁ କମ୍ ଦାମରେ ଫସଲ କିଣି ନେଉଛନ୍ତି ତାହା ବେଆଇନ ଓ ଦଣ୍ଡନୀୟ ହେବ। ସରକାର କିନ୍ତୁ ଏତିକି ମାତ୍ର କରିବାକୁ ରାଜି ନୁହଁନ୍ତି। ସରକାର ଯେ ଚାଷୀ ମାନଙ୍କୁ ଶୋଷଣ କରିବାକୁ ବ୍ୟବସାୟୀ ମାନଙ୍କୁ ସୁଯୋଗ ଦେବାପାଇଁ ଏହା କରୁନାହାନ୍ତି ସେକଥା ବର୍ତ୍ତମାନ ସ୍ପଷ୍ଟ।

ଏହା ବ୍ୟତୀତ ଦେଶର କୋଟି କୋଟି ଚାଷୀଙ୍କ ହାଡ଼ଭଙ୍ଗା ପରିଶ୍ରମ ପାଇଁ ସେମାନଙ୍କ ଫସଲର ଉପଯୁକ୍ତ ଦାମ୍ ଦେଇ ଦେଶର ଶତକଡା ୬୦ ଭାଗ ଲୋକଙ୍କ ଜୀବନ ଧାରଣର ମାନ ଉନ୍ନତ କରିବା ଓ ଚାଷୀ ମାନଙ୍କୁ ଚରମ ଦାରିଦ୍ର୍ୟ ଓ ଅସହାୟ ଅବସ୍ଥାରୁ ରକ୍ଷା କରିବାପାଇଁ ଆବଶ୍ୟକ ଅର୍ଥ ବ୍ୟୟ କରିବାପାଇଁ କୁଣ୍ଠିତ ସରକାର କେଉଁ ଯୁକ୍ତିରେ ଗତ ୩ ବର୍ଷ ମଧ୍ୟରେ ଏକଚାଟିଆ ପୁଞ୍ଜିପତି ମାନଙ୍କର

(*ଅବଶିଷ୍ଟାଂଶ ୭ମ ପୃଷ୍ଠାରେ*)

# କୃଷି-ଖସଡା ବାତିଲ ପାଇଁ ଏଆଇକେକେଏମ୍‌ଏସ୍‌ର କେନ୍ଦ୍ର ସରକାରଙ୍କୁ ଚିଠି

ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ଡେପୁଟି କୃଷି ବିପଣନ ଉପଦେଷ୍ଟା ଓ ଡ୍ରାଫଟିଂ କମିଟିର ଆବାହକ ଡ଼ ଏସ୍‌କେ ସିହ୍ନାଙ୍କ ନିକଟକୁ ଅଲ ଇଣ୍ଡିଆ କୃଷକ କ୍ଷେତ ମଜଦୁର ସଂଗଠନ(ଏଆଇକେକେଏମ୍‌ଏସ୍) ପକ୍ଷରୁ ଗତ ୧୦ ଜାନୁଆରୀରେ ଏକ ପତ୍ର ପ୍ରେରଣ କରାଯାଇଛି।

ସଂଗଠନର ସାଧାରଣ ସଂପାଦକ ଶଙ୍କର ଘୋଷ ଓ ସଭାପତି ସତ୍ୟବାନ ଉକ୍ତ ଚିଠିରେ ଲେଖିଛନ୍ତି– "ନେସନାଲ ପଲିସ ଫ୍ରେମ୍‌ୱାର୍କ ଅନ ଏଗ୍ରିକଲଚରାଲ ମାର୍କେଟିଂ" ନାମରେ ଗୋଟିଏ ଖସଡା ନୀତି ୧୫ ନଭେମ୍ବରରେ ଆପଣଙ୍କ ଅଫିସରୁ ପ୍ରକାଶ ପାଇଛି। ଆପଣ ୧୫ ଦିନ ମଧ୍ୟରେ ଏହି ଖସଡା ସଂପର୍କରେ ଜନସାଧାରଣଙ୍କର ମତାମତ ଚାହିଁଛନ୍ତି। ପରବର୍ତ୍ତୀ ସମୟରେ ଏହି ମତାମତ ଦେବାର ସମୟ ସୀମାକୁ ବଢ଼ାଯାଇଛି। ଆମ ସଂଗଠନ ଏଆଇକେକେଏମ୍‌ଏସ୍ ପକ୍ଷରୁ ଏହି ଖସଡା ସଂପର୍କରେ ଆମର ମତାମତ ଏଠାରେ ଉପସ୍ଥାପନ କରୁଛୁ।

ଯେଉଁ ଖସଡାଟି ପ୍ରକାଶ କରାହୋଇଛି ସେଥିରେ ଭାରତୀୟ କୃଷି ବ୍ୟବସ୍ଥାର ଏକ ମନୋରମ ଚିତ୍ର ପ୍ରଦର୍ଶିତ କରାହୋଇଛି। କିନ୍ତୁ ବାସ୍ତବ ଚିତ୍ର ଠିକ୍ ଏହାର ବିପରୀତ।

ସମସ୍ତେ ଜାଣନ୍ତି ଆମ ଦେଶର ୮୪ପ୍ରତିଶତ କୃଷି ଲାଭଜନକ ନୁହେଁ। ସାର, ବୀଜ, କୀଟନାଶକ ଓ କୃଷି ଯନ୍ତ୍ରପାତିର ମୂଲ୍ୟ ଲଗାତର ବଢ଼ିଚାଲିଛି। ଏସବୁ ବିଷୟରେ ଉକ୍ତ ଖସଡାରେ କିଛି ଉଲ୍ଲେଖ ନାହିଁ। ଖସଡାର ପ୍ରସ୍ତୁତକର୍ତ୍ତା ଋଣଭାରରେ ଜର୍ଜରିତ କୃଷକଙ୍କ ଦୁର୍ଦ୍ଦଶା ଉଲ୍ଲେଖ କରିବାକୁ ଭୁଲି ଯାଇଛନ୍ତି। ଏ ଦେଶରେ ପ୍ରତି ୧୨ ମିନିଟରେ ଜଣେ କୃଷକ ଆତ୍ମହତ୍ୟା କରୁଛି। ସେ କଥା ମଧ୍ୟ ଭୁଲିଯାଇଛନ୍ତି। ଯଦି ବଂଚିବାର କୌଣସି ବିକଳ୍ପ ବ୍ୟବସ୍ଥା କୃଷକମାନଙ୍କ ପାଇଁ କରି ଦିଆଯାଏ ତା'ହେଲେ ଦେଶର ୮୦ ଶତାଂଶ କୃଷକ କୃଷି ଛାଡିଦେବେ– ଏହି ନିର୍ମମ ସତ୍ୟ ମଧ୍ୟ ଖସଡାରେ ଉଲ୍ଲେଖ କରାଯାଇନାହିଁ। ଜମି ହରେଇ କୃଷକ କ୍ଷେତ ମଜୁରିଆ ଦାଦନ ଶ୍ରମିକରେ ପରିଣତ ହେଉଛନ୍ତି, ତାହା ମଧ୍ୟ ଉଲ୍ଲେଖ ନାହିଁ। ଏସବୁ ବିଷୟ ଭୁଲିଯିବା କ'ଣ ଆଶ୍ଚର୍ଯ୍ୟର କଥା ନୁହେଁ?

ଦଲିଲରେ ଆହୁରି କୁହାଯାଇଛି କୃଷକଙ୍କୁ ତାଙ୍କ ଫସଲର ଲାଭଜନକ ଦାମ ଦେବା ହେଉଛି ସରକାରଙ୍କର ଉଦ୍ଦେଶ୍ୟ। ଏ କଥା କ'ଣ ସତ୍ୟ? ତା'ହେଲେ କେଉଁ ପ୍ରକ୍ରିୟାରେ କୃଷକମାନେ ସଠିକ୍ ଦାମ ପାଇବେ? ବହୁବର୍ଷ ଧରି କୃଷକମାନେ ଲାଭଜନକ ଦାମ ପାଇବା ପାଇଁ ସରକାରଙ୍କ ନିକଟରେ ଦାବି ଜଣାଇ ଆସୁଛନ୍ତି। ଏହା ସେତେବେଳେ ହିଁ ସମ୍ଭବ ହେବ ଯେତେବେଳେ ସରକାର କୃଷକଙ୍କ ଫସଲକୁ ଦେଢଗୁଣ ଦାମରେ କିଣି ନେବେ। ଫସଲ କିଣାର ଏହି ପ୍ରକ୍ରିୟାକୁ ସରକାର ଆଇନ ସଂଗତ କରନ୍ତୁ ବୋଲି କୃଷକମାନଙ୍କର ଦାବି। ଏହାକୁ କୁହାଯାଏ ଏମ୍‌ଏସ୍‌ପିକୁ ଆଇନ ସଙ୍ଗତ କରିବା। ୨୦୦୬ ମସିହାରେ ସ୍ୱାମୀନାଥନ କମିଶନ ଫସଲ କିଣାର ଏହି ପ୍ରକ୍ରିୟା ଲାଗୁ କରିବା ପାଇଁ ତତ୍‌କାଳୀନ କଂଗ୍ରେସ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ସେତେବେଳେ କଂଗ୍ରେସ ସରକାର ଏହା ଲାଗୁ କରିନଥିଲେ। ବର୍ତ୍ତମାନର ବିଜେପି ସରକାର ମଧ୍ୟ ଏହାକୁ ଲାଗୁ କରିବାକୁ ଅସ୍ୱୀକାର କରୁଛନ୍ତି। ଆଉ ଦୁର୍ଭାଗ୍ୟର କଥା ହେଉଛି ଏହି ଖସଡାରେ ଏ ସଂପର୍କରେ ବିନ୍ଦୁ ମାତ୍ର ଉଲ୍ଲେଖ ନାହିଁ।

ଭାରତର କୃଷକ ସେମାନଙ୍କ ଅଭିଜ୍ଞତାରୁ ବୁଝିଛନ୍ତି ଯେ ପୁଞ୍ଜିବାଦୀ ବ୍ୟବସ୍ଥା ବିଶେଷକରି ବହୁଜାତୀୟ କମ୍ପାନୀଗୁଡିକ ହେଉଛି ତାଙ୍କ ଦୁର୍ଦ୍ଦଶାର ପ୍ରକୃତ କାରଣ। ତେଣୁ କୃଷକମାନେ ଦୁଇଟି ଜିନିଷ ଚାହାଁନ୍ତି। ପ୍ରଥମତଃ, ସରକାର ଉତ୍ପାଦନ ଖର୍ଚ୍ଚର ଦେଢଗୁଣ ଦାମରେ ଫସଲ କିଣି ନେଇ ସାଧାରଣ ଜନଗଣଙ୍କୁ କମ୍ ଦାମରେ ବିକ୍ରି କରନ୍ତୁ। ଦ୍ୱିତୀୟତଃ, ଖାଦ୍ୟ ଏବଂ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ବଜାରରେ ପୁଞ୍ଜିପତି ଓ ବହୁଜାତୀୟ କମ୍ପାନୀର ପ୍ରବେଶକୁ ନିଷିଦ୍ଧ କରାଯାଉ। କୃଷକମାନଙ୍କ ମତରେ ଏହା ହେଉଛି ରାଷ୍ଟ୍ରୀୟ ବାଣିଜ୍ୟ। ଏହା ହିଁ ଦେଶର ୧୩୫କୋଟି ଜନତାଙ୍କ ଦୁଃଖ-ଦୁର୍ଦ୍ଦଶା-ଅନାହାର ଦୂର କରିବାର ଏକମାତ୍ର ରାସ୍ତା। ମାତ୍ର ଦୁଃଖର ବିଷୟ ଏହାର ଠିକ ଓଲଟା ପ୍ରସ୍ତାବ ଖସଡାରେ ଉଲ୍ଲେଖ କରାଯାଇଛି। ଏହି ଖସଡା ଦଲିଲରେ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ ବହୁଜାତୀୟ କମ୍ପାନୀଗୁଡିକ ଆମ ଦେଶରେ ଥିବା ଉତ୍ପାଦନ ସାମଗ୍ରୀର ବିକ୍ରୟ ବଜାର(୭୦୦୦ରୁ ଅଧିକ ମଣ୍ଡି ଏବଂ ୨୯ ହଜାର ୯୩୧ଟି ଗ୍ରାମୀଣ ହାଟ)କୁ ସଂପୂର୍ଣ୍ଣ ଦଖଲ କରି ନେଇପାରିବ। ଫଳରେ କୃଷକ, କୃଷିଶ୍ରମିକ, କ୍ଷୁଦ୍ର ବ୍ୟବସାୟୀମାନେ ତଳିତଳାନ୍ତ ହୋଇଯିବା ଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ବିଚାର ବୁଦ୍ଧି ସଂପନ୍ନ, ଜନଦରଦି ଗଣତନ୍ତ୍ର ପ୍ରିୟ ଯେକୌଣସି ମଣିଷ ଏହାକୁ ସମର୍ଥନ କରିପାରିବ ନାହିଁ। ତେଣୁ ଏଆଇକେକେଏମ୍‌ଏସର୍ ମତ ହେଉଛି ଏକଚାଟିଆ ପୁଞ୍ଜିର ସ୍ୱାର୍ଥରେ କୃଷକ ଓ ଜନବିରୋଧୀ ନୀତି ଗ୍ରହଣ କରିଥିବା 'ନ୍ୟାସନାଲ ପଲିସ ଫ୍ରେମ୍‌ୱାର୍କ ଅନ ଏଗ୍ରିକଲଚରାଲ ମାର୍କେଟିଂ' ଖସଡାକୁ ସରକାର ସଂପୂର୍ଣ୍ଣ ବାତିଲ କରନ୍ତୁ। ଆମର ପରାମର୍ଶ ହେଉଛି ଉକ୍ତ ଖସଡାଟିକୁ ବାତିଲ କରି କୃଷକମାନଙ୍କ ନିମ୍ନଲିଖିତ ଦାବି ଗୁଡିକ ପୂରଣ କରିବା ପାଇଁ ନୂତନ ଖସଡା ପ୍ରସ୍ତୁତ କରନ୍ତୁ।

ଆମର ଦାବି ଗୁଡିକ ହେଉଛି – ୧) ଏମ୍‌ଏସ୍‌ପିକୁ ଆଇନ ସଂଗତ କରି କୃଷି ଦ୍ରବ୍ୟକୁ ଉତ୍ପାଦନ ଖର୍ଚ୍ଚର ଦେଢଗୁଣ ଦାମରେ ସରକାର ଖରିଦ କରନ୍ତୁ। ୨) କୃଷକମାନଙ୍କ ସମସ୍ତ ଋଣ ଛାଡ କରାଯାଉ। ୩) ସୁଲଭ ମୂଲ୍ୟରେ ସାର, ବୀହନ, କୀଟନାଶକ ଇତ୍ୟାଦି ଯୋଗାଇ ଦିଆଯାଉ। ୪) ମନରେଗା ଥିବା ଜବ କାର୍ଡଧାରୀଙ୍କୁ ବର୍ଷରେ ୨୦୦ଦିନ କାର୍ଯ୍ୟ ଏବଂ ଦୈନିକ ୬୦୦ଟଙ୍କା ମଜୁରୀ ଦିଆଯାଉ। ୫) ବିଦ୍ୟୁତ୍ ବିଲ ୨୦୨୩କୁ ବାତିଲ କରାଯାଉ ଏବଂ ସ୍ମାର୍ଟ ମିଟର ଲଗାଇବା ବନ୍ଦ କରାଯାଉ। ୫) ଷାଠିଏ ବର୍ଷରୁ ଉର୍ଦ୍ଧ୍ୱ କୃଷକ ଏବଂ କ୍ଷେତ ମଜୁରିଆଙ୍କୁ ମାସିକ ୧୦ହଜାର ଟଙ୍କା ପେନ୍‌ସନ ପ୍ରଦାନ କରାଯାଉ।

ଆଶା କରାଯାଏ ଏହି ଦାବିଗୁଡିକୁ ଗୁରୁତର ସହିତ ବିଚାର କରିବା ପାଇଁ ଆପଣ ଯତ୍ନବାନ ହେବେ।

★★★

## ସାମରିକ ଶକ୍ତି ଦ୍ୱାରା ନୁହେଁ ପାଲେଷ୍ଟାଇନ ରାଷ୍ଟ୍ରକୁ ସ୍ୱୀକୃତି ଦ୍ୱାରା ଶାନ୍ତି ଫେରିବ

### - ଇସ୍ରାଏଲ କମ୍ୟୁନିଷ୍ଟ ପାର୍ଟିର ବିବୃତ

ଗାଜାଠାରେ ଚାଲିଥିବା ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧ ବିରତି ପ୍ରସଙ୍ଗରେ ଇସ୍ରାଏଲ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଜାରୀ କରାଯାଇଥିବା ବିବୃତିରେ କୁହାଯାଇଛି ଯେ–

ଚୁକ୍ତି ଓ ଯୁଦ୍ଧ ବିରତି ହେଉଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଏବଂ ତାହା ସ୍ୱାଗତଯୋଗ୍ୟ। କିନ୍ତୁ ତାହା ଯଥେଷ୍ଟ ନୁହେଁ। ଇସ୍ରାଏଲର ଦକ୍ଷିଣପନ୍ଥୀ ସରକାରଙ୍କ ଚରିତ୍ର ଅନୁଯାୟୀ ଏଭଳି ପର୍ଯ୍ୟାୟରେ ପହଞ୍ଚିବା ପାଇଁ ଅତ୍ୟନ୍ତ ଦୀର୍ଘ ସମୟ ଲାଗିଛି। ତା' ସତ୍ତ୍ୱେ ଏହି ବିନିମୟ ଚୁକ୍ତିକୁ ଆମେ ସ୍ୱାଗତ ଜଣାଉଛୁ।

ପ୍ରଥମରୁ ହିଁ ଆମର ଦାବି ଥିଲା ଯେ ଇସ୍ରାଏଲ ଓ ପାଲେଷ୍ଟାଇନ– ଉଭୟ ଦେଶର ଜେଲରେ ଥିବା ବନ୍ଦୀ, ଅପହୃତ ଓ ପଣବନ୍ଦୀ ମାନେ ଯେପରି ଘରକୁ ଫେରନ୍ତି। ଏପରି ଚୁକ୍ତି ଅସମ୍ଭବ ନଥିଲା ଏବଂ ଏହି ଚୁକ୍ତି ଯଥା ସମୟରେ ହୋଇଥିଲେ ହଜାର ହଜାର ପାଲେଷ୍ଟାଇନବାସୀ ଓ ଶହ ଶହ ଇସ୍ରାଏଲୀଙ୍କର ପ୍ରାଣ ହାନୀ ଘଟି ନଥାନ୍ତା। ଯେଉଁ ଚୁକ୍ତି ହୋଇଛି କେବଳ ସେତିକିରେ ଆମେ ସନ୍ତୁଷ୍ଟ ନୁହେଁ। ଆମେ ଆମର ସଂଗ୍ରାମ ଜାରି ରଖିବୁ ଯେପର୍ଯ୍ୟନ୍ତ ଏକ ଆନ୍ତରିକ ଆଳାପ ଆଲୋଚନାର ପରିବେଶ ସୃଷ୍ଟି ନ ହେଉଛି। ଯାହାର ଉଦ୍ଦେଶ୍ୟ ହେବ ଦଖଲଦାରୀ, ଅବରୋଧର ଅବସାନ ଘଟାଇବା ସଙ୍ଗେ ସଙ୍ଗେ ରାଷ୍ଟ୍ର ଭଳି ପାଲେଷ୍ଟାଇନ ରାଷ୍ଟ୍ରକୁ ମଧ୍ୟ ସ୍ୱୀକୃତି ଦେବା ଯାହାର ଭିତ୍ତି ଉପରେ ପ୍ରକୃତ ନ୍ୟାୟ ପ୍ରତିଷ୍ଠା ହେବ ଏବଂ ବ୍ୟାପକ ସ୍ଥାୟୀ ଶାନ୍ତି ପ୍ରତିଷ୍ଠାର ରାସ୍ତା ଉନ୍ମୁକ୍ତ ହେବ।

ଆମେ ମନେକରୁ ଗାଜା ଅଂଚଳର ପୁନର୍ଗଠନ ପାଇଁ ସାରା ବିଶ୍ୱ ଆଗେଇ ଆସୁ ଯାହା ଅତ୍ୟନ୍ତ ଜରୁରୀ। ଆମେ ବିଶ୍ୱବାସୀଙ୍କୁ ଆହ୍ୱାନ ଜଣାଉଛୁ କି ଏଇ ଚୁକ୍ତିର ରୂପାୟନ ପାଇଁ ଯେଉଁ ସମୟ ଆମ ହାତରେ ଅଛି ତାହାର ପୂର୍ଣ୍ଣ ବିନିଯୋଗ କରିବା ଏବଂ ଇସ୍ରାଏଲୀ ଦକ୍ଷିଣପନ୍ଥୀ ସରକାରଙ୍କୁ ଗଣହତ୍ୟା ଚଳାଇବାରୁ ବିରତ କରିବା।

ଆମେ ଏ ବିଷୟରେ ମଧ୍ୟ ସତର୍କ କରିଦେଉଛୁ କି ଏହି ଚୁକ୍ତି ଇସ୍ରାଏଲରେ ବସବାସକାରୀ ପାଲେଷ୍ଟାନୀୟ ମାନଙ୍କୁ ଉସ୍‌କାଇବା ଏବଂ ୱେଷ୍ଟବ୍ୟାଙ୍କର ସଂଯୁକ୍ତିକରଣକୁ ଉତ୍ସାହିତ କରିବା ପାଇଁ ବ୍ୟବହୃତ ହୋଇପାରେ।

ଏଇ ଭୟଙ୍କର ଓ ଦୀର୍ଘ ଯୁଦ୍ଧ ପୁଣିଥରେ ପ୍ରମାଣ କଲା ଯେ ସାମରିକ ଉପାୟରେ ଏହାର ସମାଧାନ ସମ୍ଭବ ନୁହେଁ। କେବଳ ଶାନ୍ତି ପ୍ରତିଷ୍ଠା ହିଁ ଏକମାତ୍ର ସମାଧାନର ପଥ।

(ସୂତ୍ର : ଇନ୍‌ଡିଫେନ୍‌ସ ଅଫ୍ କମ୍ୟୁନିଜିମ୍ ୱେବସାଇଟ)

## ନୂତନ ଜାତୀୟ କୃଷି . . .

(୬ଷ ପୃଷ୍ଠାର ଅବଶିଷ୍ଟାଂଶ)

୧୫ ଲକ୍ଷ କୋଟି ଟଙ୍କାର ଟିକସ ଓ ବ୍ୟାଙ୍କ ଋଣ ଛାଡ କରିଛନ୍ତି। ସରକାର ନିଜେ ସ୍ୱୀକାର କରିଛନ୍ତି, କର୍ପୋରେଟ ଟିକସ ହ୍ରାସ କରାଯିବା ଫଳରେ ସେମାନଙ୍କର ମୁନାଫା ଗତ ୪ ବର୍ଷ ମଧ୍ୟରେ ବହୁଗୁଣିତ ହୋଇଛି। କର୍ପୋରେଟ ଟିକସ ଛାଡ଼ କରିବା ବେଳେ ସରକାର ଘୋଷଣା କରିଥିଲେ ଏକଚାଟିଆ ପୁଞ୍ଜିପତି ମାନଙ୍କ ଟିକସ ଛାଡ଼ ହେଲେ ସେମାନଙ୍କର ମୁନାଫା ବୃଦ୍ଧି ହେବ। ଏହାଫଳରେ ସେମାନେ ଅଧିକ ଲୋକଙ୍କୁ ନିଯୁକ୍ତି ଦେବେ, କର୍ମଚାରୀ ମାନଙ୍କ ଦରମା ବୃଦ୍ଧି କରିବେ। ମାତ୍ର ୪ ବର୍ଷ ପରେ ସରକାର ସ୍ୱୀକାର କରିଛନ୍ତି ଯେ ପ୍ରଚୁର ମୁନାଫା ସତ୍ତ୍ୱେ କର୍ପୋରେଟ ହାଉସ ମାନେ ନୂଆ ନିଯୁକ୍ତି ଦେବା ଦୂରର କଥା ଲକ୍ଷ ଲକ୍ଷ ସଂଖ୍ୟାରେ କର୍ମଚାରୀ ଛଟେଇ କରିଛନ୍ତି। ତୀବ୍ର ଦରଦାମ୍ ବୃଦ୍ଧି ସତ୍ତ୍ୱେ କର୍ମଚାରୀ ମାନଙ୍କ ଦରମା ସ୍ଥିର ରହିଛି କିମ୍ବା ହ୍ରାସ କରାଯାଇଛି। ସ୍ଥାୟୀ ନିଯୁକ୍ତି ବିଲୁପ୍ତ ହେଉଛି। ଏହା ସତ୍ତ୍ୱେ ମଧ୍ୟ ଚଳିତ ବଜେଟରେ ମଧ୍ୟ କର୍ପୋରେଟ ଟିକସ ବୃଦ୍ଧି କରାଯାଇନାହିଁ କିମ୍ବା ଦେଶର ଅତି ଧନୀ (super rich) ମାନଙ୍କ ଉପରେ ସମ୍ପତ୍ତି ଟିକସ ଲାଗୁ କରାଯାଇନାହିଁ। ଇଚ୍ଛାକୃତ ଭାବରେ ବ୍ୟାଙ୍କ୍ ଋଣ ପରିଶୋଧ କରୁନଥିବା ବଡ଼ ବଡ଼ ବ୍ୟବସାୟୀ ମାନଙ୍କଠାରୁ ଋଣ ଆଦାୟ ପାଇଁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବରଂ ସେମାନଙ୍କୁ କମ୍ ସୁଧରେ ଆହୁରି ଋଣ ଦିଆଯାଉଛି। ଏମାନଙ୍କ ଋଣ ଛାଡ ହେଲେ, କର ଟିକସ ଛାଡ ହେଲେ ଦେଶର ଅର୍ଥନୀତିର ବିକାଶ ହେଉଚି, ଦେଶ ଆଗେଇ ଯାଉଚି। ମାତ୍ର ଚାଷୀ ମାନଙ୍କ ଋଣ ଛାଡ କଥା ଆସିଲେ ସରକାର ଓ ସରକାରଙ୍କ ବଚସ୍କର ଅର୍ଥଶାସ୍ତ୍ର ବିଶେଷଜ୍ଞମାନେ ଅର୍ଥନୀତି ଭୁଶୁଡ଼ି ପଡ଼ିବ ବୋଲି ରଡ଼ି ଛାଡୁଛନ୍ତି।

ଉପର ଆଲୋଚନାରୁ ସ୍ପଷ୍ଟ ହେଉଛି ଯେ ବିଭିନ୍ନ ଆଳରେ ସରକାର ଚାଷୀ ମାନଙ୍କୁ ସେମାନଙ୍କ ଉପଯୁକ୍ତ ପ୍ରାପ୍ୟ ଦେବାକୁ ପ୍ରସ୍ତୁତ ନୁହଁନ୍ତି। ବରଂ ସମଗ୍ର କୃଷି ବ୍ୟବସ୍ଥାକୁ ଏକଚାଟିଆ କୃଷିକର୍ପୋରେଟ୍ ମାନଙ୍କ ହାତକୁ ଟେକି ଦେବାକୁ ଚାହୁଁଛନ୍ତି। ଯାହା ଫଳରେ ସେମାନେ କୃଷି ବ୍ୟବସ୍ଥା ଉପରେ ନିରଙ୍କୁଶ ଆଧିପତ୍ୟ ସାବ୍ୟସ୍ତ କରିପାରିବେ ଏବଂ ସୀମାହୀନ ମୁନାଫା ଲୁଟ କରିପାରିବେ। ଏ ବାବଦରେ କଂଗ୍ରେସ, ବିଜେପି ବା ଅନ୍ୟାନ୍ୟ ଆଞ୍ଚଳିକ ଭୋଟ ସର୍ବସ୍ୱ ଦଳ ମାନଙ୍କର ଆଭିମୁଖ୍ୟ ସମାନ।

ଏହା ହିଁ ଦେଶର ଚାଷୀ ସମ୍ମୁଖୀନ ହେଉଥିବା ସଂକଟର ମୂଳ କାରଣ। ଏହି ଉଦ୍ଦେଶ୍ୟ ପୂରଣ କରିବାପାଇଁ ହିଁ କେନ୍ଦ୍ର ସରକାର ଆନ୍ଦୋଳନର ଚାପରେ ପ୍ରତ୍ୟାହାର କରିବାପାଇଁ ବାଧ ହୋଇଥିବା ୩ ଟି କଳା କୃଷି ଆଇନକୁ କଳେ ବଳେ କୌଶଳେ ଲାଗୁ କରିବା ପାଇଁ ଉଦ୍ୟମ କରୁଛନ୍ତି। ସରକାରଙ୍କର ଏହି ଉଦ୍ୟମର ସଦ୍ୟତମ ନିଦର୍ଶନ ହେଉଛି ସମ୍ପ୍ରତି ଜାରି କରାଯାଇଥିବା ଚିଠା ଦଲିଲ। ଆଶା କରୁଛୁ, ଚାଷୀ ଓ ସାଧାରଣ ଲୋକଙ୍କୁ ସର୍ବସ୍ୱାନ୍ତ କରିବା ପାଇଁ ଉଦ୍ଦିଷ୍ଟ ଏହି ଚିଠା ଦଲିଲ ବିରୁଦ୍ଧରେ ସମଗ୍ର ଦେଶରେ ଶକ୍ତିଶାଳୀ ଚାଷୀ ଆନ୍ଦୋଳନ ଗଢି ଉଠିବ ଏବଂ ଆନ୍ଦୋଳନ ଚାପରେ ସରକାର ଏହାକୁ ପ୍ରତ୍ୟାହାର କରିବା ପାଇଁ ପୁନର୍ବାର ବାଧ ହେବେ।

Regd.No-ORI ORI/2011/37220 • VOL.NO. 12, ISSUE NO. 04 • ମୂଲ୍ୟ-୫ଟଙ୍କା

# ଶିଳ୍ପ ପ୍ରତିଷ୍ଠା ଆଳରେ ବିସ୍ଥାପନ ପ୍ରତିବାଦରେ କେନ୍ଦୁଝରରେ ବିଶାଳ ଗଣବିକ୍ଷୋଭ




କେନ୍ଦୁଝର ଜିଲ୍ଲାରେ ଜିନ୍ଦଲ କମ୍ପାନୀ ଇସ୍ପାତ କାରଖାନା ପ୍ରତିଷ୍ଠା କରିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। କେନ୍ଦୁଝର ମୁଖ୍ୟମନ୍ତ୍ରୀଙ୍କ ଗୃହ ଜିଲ୍ଲା ହୋଇଥିବାରୁ ଏହି କାରଖାନା ପ୍ରତିଷ୍ଠା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ଉଦ୍ୟମ କରାଯିବ ବୋଲି ମଧ୍ୟ ଘୋଷଣା କରାଯାଇଛି। ଇତି ମଧ୍ୟରେ କାରଖାନା ପ୍ରତିଷ୍ଠା ପାଇଁ ଜିନ୍ଦଲ କମ୍ପାନୀ ସହିତ ରାଜ୍ୟ ସରକାରଙ୍କର ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି ବୋଲି ଖବର ମିଳୁଛି। ଏହି ବୁଝାମଣାପତ୍ର ଅନୁଯାୟୀ ରାଜ୍ୟ ସରକାର କାରଖାନା ପ୍ରତିଷ୍ଠା ପାଇଁ କମ୍ପାନୀକୁ ରିହାତି ଦରରେ ୧୦,୦୦୦ ଏକର ଜମି ସହିତ ଅନ୍ୟାନ୍ୟ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବେ। ସର୍ବଶେଷ ସମ୍ବାଦ ଅନୁଯାୟୀ ଏହି କାରଖାନା ଜିନ୍ଦଲ ଓ ପୋସ୍କୋର ମିଳିତ ଉଦ୍ୟୋଗରେ ପ୍ରତିଷ୍ଠା କରାଯିବ।

ଏଠାରେ ସୂଚନାଯୋଗ୍ୟ, ୨୦୦୬ ମସିହାରେ କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକ୍‌ରେ ଏକ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ତତ୍କାଳୀନ ରାଜ୍ୟ ବିଜେଡି-ବିଜେପି ମେଣ୍ଟ ସରକାର ମିତ୍ତଲ କମ୍ପାନୀ ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲେ। ସେତେବେଳେ ପାଟଣା ବ୍ଲକ୍‌ର ପ୍ରାୟ ୮୪୪୨ ଏକର ଜମି ଅଧିଗ୍ରହଣ ପାଇଁ ସରକାର ନୋଟିସ ଜାରୀ କରିଥିଲେ। ଏହାଫଳରେ ପାଟଣା ବ୍ଲକ୍‌ର ୧୭ଟି ରାଜସ୍ୱ ଗ୍ରାମର ଲୋକ ବିସ୍ଥାପିତ ହେବାର ବିପଦ ଦେଖାଦେଇଥିଲା। ଏଠାରେ ସୂଚନାଯୋଗ୍ୟ ତତ୍କାଳୀନ ବିଜେଡି-ବିଜେପି ରାଜ୍ୟ ସରକାରଙ୍କର ଏତାଦୃଶ ପଦକ୍ଷେପ ପ୍ରତିବାଦରେ ସେତେବେଳେ ପାଟଣା ବ୍ଲକ୍‌ର ବିସ୍ଥାପିତ ହେବାକୁ ଯାଉଥିବା ଗ୍ରାମବାସୀ ମାନଙ୍କ ସମେତ ଶିଳ୍ପାୟନ ଆଳରେ ବିସ୍ଥାପିତ ହୋଇଥିବା ଏବଂ ବିସ୍ଥାପନର ସମ୍ମୁଖୀନ ହୋଇଥିବା ହଜାର ହଜାର ଲୋକ ବିପ୍ଳବୀ ଚାଷୀ ସଂଗଠନ ଏଆଇକେକେଏମ୍‌ଏସ୍ ପତାକା ତଳେ ଐକ୍ୟବଦ୍ଧ ହୋଇ ଦୀର୍ଘସ୍ଥାୟୀ ଲଗାତର ଆନ୍ଦୋଳନ ପରିଚାଳନା କରିଥିଲେ। ଶେଷ ପର୍ଯ୍ୟନ୍ତ ପୃଥିବୀର ସବୁଠାରୁ ବଡ ଇସ୍ପାତ କମ୍ପାନୀ ମିତ୍ତଲକୁ କେନ୍ଦୁଝର ଛାଡିବାକୁ ହୋଇଥିଲା। ଆଜକୁ ପ୍ରାୟ ୨୦ ବର୍ଷ ପରେ ସଂପୃକ୍ତ ଅଂଚଳର ଲୋକଙ୍କ ମୁଣ୍ଡରେ ପୁନର୍ବାର ବିସ୍ଥାପନର ଖଣ୍ଡା ଝୁଲୁଛି।

କହିବା ବାହୁଲ୍ୟ, ରାଜ୍ୟର ବେକାର ଯୁବକଯୁବତୀ ମାନଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବା ଆଳରେ ପ୍ରତିଷ୍ଠା କରାଯାଉଥିବା ଏହି ଧରଣର ପୁଞ୍ଜି ଭିତ୍ତିକ ଶିଳ୍ପର ରୋଜଗାର ସୃଷ୍ଟି କରିବାର କ୍ଷମତା ନାହିଁ। ଗତ ୨୪ ବର୍ଷର ବିଜେଡି-ବିଜେପି ମିଳିତ ସରକାର ଓ ଏହାପରେ ଏକକ ଭାବରେ ବିଜେଡି ସରକାର ଶିଳ୍ପାୟନ ପାଇଁ ଗ୍ରହଣ କରିଥିବା ପଦକ୍ଷେପର ବିଫଳତା ଏହାର ପ୍ରମାଣ ବହନ କରୁଛି। ଗତ ବିଜେଡି ସରକାରର ପଦାଙ୍କ ଅନୁସରଣ କରି ବର୍ତ୍ତମାନର ରାଜ୍ୟ ବିଜେପି ସରକାର ମଧ୍ୟ ରାଜ୍ୟରେ ଶିଳ୍ପାୟନର ଧୂଆଁବାଣ ମାରୁଛି। ତେବେ ଗତ ୨୫ବର୍ଷ ଧରି ରାଜ୍ୟରେ ଚାଲିଥିବା ଶିଳ୍ପାୟନ ଫଳରେ ଯେ ବେକାର ଯୁବକ ଯୁବତୀ ମାନଙ୍କ ପାଇଁ କର୍ମ ନିଯୁକ୍ତି ସୃଷ୍ଟି ହୋଇନାହିଁ, ସୃଷ୍ଟିହେବା ସମ୍ଭବ ନୁହେଁ ତାହା ଦିବାଲୋକ ଭଳି ସ୍ପଷ୍ଟ। ଅନ୍ୟଦିଗରେ ଏହି ଧରଣର ତଥାକଥିତ ଶିଳ୍ପାୟନ ଆଳରେ ମୂଲ୍ୟବାନ ଜମି, ନଈ, ପାହାଡ, ଝରଣା, ଖଣି ଖାଦାନ ଘରୋଇ କମ୍ପାନୀମାନଙ୍କ ହାତକୁ ସରକାର ମାମୁଲି ଦରରେ ଟେକି ଦେଇଛନ୍ତି। ପାଣି, ପବନ, ଜଳବାୟୁ ବିଷାକ୍ତ ହୋଇଛି। ଏହାଫଳରେ ସାଧାରଣ ଲୋକ ବହୁ ଦୂରାରୋଗ୍ୟ ରୋଗର ଶୀକାର ହେଉଛନ୍ତି। ମାତ୍ର ପୁଞ୍ଜିପତିମାନେ ଶସ୍ତା ଶ୍ରମଶକ୍ତି ଓ ପ୍ରାକୃତିକ ସଂପଦକୁ ଲୁଟ କରି ମୁନାଫାର ପାହାଡ ସୃଷ୍ଟି କରିଛନ୍ତି। ବର୍ତ୍ତମାନର ରାଜ୍ୟ ବିଜେପି ସରକାର ମହାଆଡମ୍ବରରେ ରାଜ୍ୟରେ ପ୍ରବାସୀ ଭାରତୀୟ ସମ୍ମିଳନୀ ଓ ଉତ୍କର୍ଷ ଓଡିଶା ସମ୍ମିଳନୀ ଆୟୋଜନକରି ରାଜ୍ୟରେ ଶିଳ୍ପାୟନର ଯେଉଁ ଢୋଲ ପିଟୁଛନ୍ତି ତାହା ଏହି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବ। ଏହାଫଳରେ ଚାକିରୀ ସୃଷ୍ଟି ହେବ ନାହିଁ, କାରଣ ଏହା ସମ୍ଭବ ନୁହେଁ।

ହଜାର ହଜାର ସଂଖ୍ୟାରେ ସାଧାରଣ ଲୋକଙ୍କୁ ବିସ୍ଥାପିତ କରି ମୂଲ୍ୟବାନ ଜମି କମ୍ପାନୀ ହାତକୁ ଟେକି ଦେବା ପାଇଁ ରାଜ୍ୟ ବିଜେପି ସରକାରର ଏହି ଧରଣର ଜନବିରୋଧୀ ନିଷ୍ପତ୍ତି ପ୍ରତିବାଦରେ ଏଆଇକେକେଏମ୍‌ଏସ୍ ପକ୍ଷରୁ ସଂପୃକ୍ତ ଗ୍ରାମର ଜନସଧାରଣଙ୍କୁ ସଂଗଠିତ କରି ଫେବୃୟାରୀ ୫ତାରିଖରେ ୪ଦଫା ଦାବିରେ କେନ୍ଦୁଝର ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିଶାଳ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଛି। ଜିନ୍ଦଲ କମ୍ପାନୀ ସହିତ ସ୍ୱାକ୍ଷରିତ ବୁଝାମଣାପତ୍ର ବାତିଲ କରିବା, କର୍ମକନ୍ତଠାରେ ଖାଲି ପଡିଥିବା ସରକାରୀ ଜମିରେ ସରକାରୀ ଉଦ୍ୟୋଗରେ ଶ୍ରମଭିତ୍ତିକ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା, କୃଷି ଜମିରେ କୌଣସି କାରଖାନା ପ୍ରତିଷ୍ଠା ନ କରିବା ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ୫ହଜାରରୁ ଅଧିକ ଲୋକ ଯୋଗ ଦେଇଥିଲେ। କମ୍ରେଡ୍ ଘନଶ୍ୟାମ ମହାନ୍ତଙ୍କ ସଭାପତିତ୍ୱରେ ବିକ୍ଷୋଭ ସ୍ଥଳରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଆଇକେକେଏମ୍‌ଏସ୍ ରାଜ୍ୟ ସଂପାଦକ କମ୍ରେଡ ରଘୁନାଥ ଦାସ, ସଂଗଠନର ସର୍ବଭାରତୀୟ କମିଟି ସଦସ୍ୟ କମ୍ରେଡ ପ୍ରକାଶ ମଲ୍ଲିକ, ସଂଗଠନର କେନ୍ଦୁଝର ଜିଲ୍ଲା ସଂପାଦକ କମ୍ରେଡ ବେଣୁଧର ସର୍ଦ୍ଦାରଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦ ଏହି ସଭାରେ ବକ୍ତବ୍ୟ ରଖି ବୁଝାମଣା ପତ୍ର ବାତିଲ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚଳାଇ ଯିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।



# ଏସୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଯାଜପୁର ସିଡିଏମ୍‌ଓ ଏବଂ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଗଣ ବିକ୍ଷୋଭ




ଏସୟୁସିଆଇ(କମ୍ୟୁନିଷ୍ଟ) ଯାଜପୁର ଜିଲ୍ଲା କମିଟି ପକ୍ଷରୁ ଫେବୃଆରୀ ୧୩ ତାରିଖରେ ଯାଜପୁର ସିଡିଏମଓ ଏବଂ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୯ଟି ବ୍ଲକରୁ ଆସିଥିବା ଶହ ଶହ ସଂଖ୍ୟାରେ ଚାଷୀ, ମୂଲିଆ, ଶ୍ରମିକ, ଛାତ୍ର ଯୁବକ, ମହିଳା କୁସୁମା ପୋଖରୀ ଛକରୁ ଏକ ସୁଶୋଭିତ ଶୋଭାଯାତ୍ରାରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦରଦାମ୍ ବୃଦ୍ଧି ବନ୍ଦ, ଚାଷୀ ଓ ଭାଗଚାଷୀଙ୍କ ଠାରୁ ଉପଯୁକ୍ତ ମୂଲ୍ୟଦେଇ ଧାନ ସଂଗ୍ରହ, ପ୍ରତି ବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା, ଯାଜପୁର ମେଡିକାଲରେ ଏମଆରଆଇ, ସିଟି ସ୍କାନ୍ ଓ ଏଣ୍ଡୋସ୍କୋପି ଆଦିର ବ୍ୟବସ୍ଥା, ବେକାର ଯୁବକ ଯୁବତୀଙ୍କୁ କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ସୁକିନ୍ଦାର ଖଣି ଅଂଚଳରେ ନିଯୁକ୍ତି ଦେବା, ପ୍ରତି ପରିବାରକୁ ୩୦୦ୟୁନିଟ ମାଗଣା ବିଦ୍ୟୁତ୍ ଯୋଗାଣ, ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା, ଯାଜପୁର ମେଡିକାଲ ସମେତ ଜିଲ୍ଲାର ସମସ୍ତ ଡାକ୍ତରଖାନାରେ ଖାଲି ପଡ଼ିଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ନିଯୁକ୍ତି ଦେବା, ସ୍କୁଲ କଲେଜରେ ଖାଲି ପଡ଼ିଥିବା ଶିକ୍ଷକ ଓ ଅଧ୍ୟାପକ ପଦ ପୂରଣ କରିବା, ଦାନଗଦୀ ତହସିଲ ଅନ୍ତର୍ଗତ ଶାଳିଜଙ୍ଗା ମୌଜାର ବେଣାପାଟିଆ ଗ୍ରାମବାସୀଙ୍କୁ ଦଖଲିକୃତ ଚାଷ ଜମିର ପଟ୍ଟା ପ୍ରଦାନ କରିବା, ଯାଜପୁର ରୋଡ ଠାରୁ ବିରଜାକ୍ଷେତ୍ର ଦେଇ ଧାମରାକୁ ରେଳ ସଂଯୋଗ କରିବା, ମଦ ମାଦକ ଦ୍ରବ୍ୟ ଓ ଅଶ୍ଳୀଳ ସିନେମା ସଙ୍ଗୀତ ଆଦିର ପ୍ରଚାର ପ୍ରସାର ବନ୍ଦ ଆଦି ଦାବିରେ ସ୍ଲୋଗାନ ଦେଇ ଶୋଭାଯାତ୍ରାକାରୀମାନେ ବଜାର ପରିକ୍ରମା କରିଥିଲେ। ପ୍ରଥମେ ସିଡିଏମ୍‌ଓ ଅଫିସ୍ ସମ୍ମୁଖରେ ଏକ ପ୍ରତିବାଦ ସଭା ଜିଲ୍ଲା କମିଟି ସଦସ୍ୟ କମ୍ରେଡ ବିଜୟାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସମ୍ପାଦକ କମ୍ରେଡ ସୁରେନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ କମ୍ରେଡ ଅଚ୍ୟୁତ ପ୍ରଧାନ, କମ୍ରେଡ ରାଧାବଲ୍ଲଭ ମଲ୍ଲିକ, କମ୍ରେଡ ସୁବାସ ମଲ୍ଲିକଙ୍କୁ ନେଇ ଏକ ପ୍ରତନିଧି ମଣ୍ଡଳୀ ସିଡିଏମ୍‌ଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ସେଠାରେ ଏକ ପ୍ରତିବାଦ ସଭାରେ ଜିଲ୍ଲା କମିଟି ସଦସ୍ୟ କମ୍ରେଡ ସୁରେଶ ପ୍ରଧାନ, କମ୍ରେଡ କେଦାରନାଥ ସାହୁ, କମ୍ରେଡ ତରଙ୍ଗିଣୀ ଦାସ, କମ୍ରେଡ ଅଭିମନ୍ୟୁ ମଲ୍ଲିକ, କମ୍ରେଡ ସୁଲୋଚନା ପ୍ରଧାନ, କମ୍ରେଡ ଶରତ ବାରିକ, କମ୍ରେଡ ମନୋଜ ସେଠୀ, କମ୍ରେଡ ମଧୁମିତା ସାହୁ, କମ୍ରେଡ ନିରୂପମା ବେହେରା, ମେଘନାଦ ମଲ୍ଲିକ, ଲବଙ୍ଗଲତା ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ସମ୍ପାଦକଙ୍କ ନେତୃତ୍ୱରେ ଏକ ପାଂଚ ଜଣିଆ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ ଏବଂ ଦାବି ଉପରେ ଆଲୋଚନା କରିଥଲେ।

# ଗାଜା ଦଖଲପାଇଁ ଆମେରିକା ରାଷ୍ଟ୍ରପତିଙ୍କ ଘୋଷଣାକୁ ଏସ୍‌ୟୁସିଆଇ(ସି)ର ତୀବ୍ର ନିନ୍ଦା

ଗାଜା ଦଖଲ କରିବାପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଅତ୍ୟନ୍ତ ନିନ୍ଦନୀୟ ଓ ଔଦ୍ଧତ୍ୟପୂର୍ଣ୍ଣ ଘୋଷଣାର ତୀବ୍ର ନିନ୍ଦାକରି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ସାଧାରଣ ସଂପାଦକ କମ୍ରେଡ ପ୍ରଭାସ ଘୋଷ ଫେବୃୟାରୀ ୬ତାରିଖରେ ଜାରୀ କରାଯାଇଥିବା ଏକ ବିବୃତ୍ତିରେ କହିଛନ୍ତି ଯେ – ଗାଜା ଭୂଖଣ୍ଡରେ ବସବାସ କରୁଥିବା ପାଲେଷ୍ଟାଇନୀୟ ମାନଙ୍କୁ ଅନ୍ୟତ୍ର ବିତାଡିତ କରି ଅବରୁଦ୍ଧ ଗାଜା ଭୂଖଣ୍ଡ 'ଦଖଲ' ଏବଂ ଏହି ଭୂଖଣ୍ଡ ଉପରେ ନିୟନ୍ତ୍ରଣ ପ୍ରତିଷ୍ଠା କରିବା ପାଇଁ ମାର୍କିନ ସାମ୍ରାଜ୍ୟବାଦର ମୁଖ୍ୟ ଡୋନାଲ୍ଡ ଟ୍ରମ୍ପଙ୍କର ଘୋଷଣା ସମଗ୍ର ଦୁନିଆକୁ ହତଚକିତ କରିଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତ୍ୟାନ୍ୟାହୁଙ୍କ ସହିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପଙ୍କର ଏହି ଔଦ୍ଧତ୍ୟପୂର୍ଣ୍ଣ ଘୋଷଣା ବହୁ ଦଶକ ଧରି ଚାଲିଥିବା ଇସ୍ରାଏଲ-ପାଲେଷ୍ଟାଇନ ଯୁଦ୍ଧ ସଂପର୍କରେ ମାର୍କିନ ନୀତିର ଭିତିରି ଉଦ୍ଦେଶ୍ୟକୁ ଏକା ଥରକେ ପଦାରେ ପକାଇ ଦେଇଛି। ଟ୍ରମ୍ପ କହିଛନ୍ତି, ଆଶା କରୁଛି, ପାଲେଷ୍ଟାଇନୀୟମାନେ ସେମାନଙ୍କର ମାତୃଭୂମି ଛାଡି ଅନ୍ୟଦେଶକୁ ଚାଲିଯିବେ। ଟ୍ରମ୍ପଙ୍କର ଏହି ବକ୍ତବ୍ୟ ଗୋଟିଏ ବିଶେଷ ଜାତିକୁ ନିଶ୍ଚିହ୍ନ କରିଦେବା ସମତୁଲ୍ୟ। ତାଙ୍କର ଏହି ଉକ୍ତି ମାର୍କିନ ସାମ୍ରାଜ୍ୟବାଦର ପ୍ରଭୁତ୍ୱବାଦୀ ଏବଂ ଲୁଣ୍ଠନକାରୀ ଚରିତ୍ରକୁ ଆହୁରି ଅଧିକ ସ୍ପଷ୍ଟ କରିଦେଇଛି। ଏହି ଘୋଷଣା ମଧ୍ୟରେ ମାର୍କିନ ସାମ୍ରାଜ୍ୟବାଦର ପ୍ରଭାବଧୀନ ଅଂଚଳକୁ ବିସ୍ତାର କରିବାର ପ୍ରଚେଷ୍ଟାକୁ ଆହୁରି ପାଦେ ଆଗେଇନେଇ ନୂଆ ନୂଆ ଭୂଖଣ୍ଡ, ଏପରିକି ସାର୍ବଭୌମ ଦେଶଗୁଡିକୁ ମଧ୍ୟ କାର୍ଯ୍ୟତଃ ମାର୍କିନ ଉପନିବେଶରେ ପରିଣତ କରିବାର ହୁଙ୍କାର ଶୁଣିବାକୁ ମିଳୁଛି। ଅଳ୍ପ କେତେଦିନ ପୂର୍ବରୁ ଡେନମାର୍କର ସ୍ୱୟଂଶାସିତ ପ୍ରଦେଶ ଗ୍ରୀନଲ୍ୟାଣ୍ଡକୁ ଦଖଲ କରିବା ପାଇଁ ଟ୍ରମ୍ପ ଘୋଷଣା କରିଥିଲେ।

ଆମେ ଆହୁରି ମଧ୍ୟ ଉଲ୍ଲେଖ କରିବାକୁ ଚାହୁଁ ଯେ, ଶକ୍ତିଶାଳୀ ସମାଜତାନ୍ତ୍ରିକ ଶିବିରର ଅନୁପସ୍ଥିତି ଫଳରେ ମାନବ ସଭ୍ୟତାର ଘୃଣ୍ୟ ଶତ୍ରୁ ମାର୍କିନ ସାମ୍ରାଜ୍ୟବାଦ ଏହିଭଳି ବେପରୁଆ, ଲଗାମହୀନ ହେଇଛି। ମାର୍କିନ ପ୍ରତିରକ୍ଷା ମୁଖ୍ୟାଳୟ ପେଣ୍ଟାଗନର ବିଶ୍ୱବ୍ୟାପୀ ଏହି ଗୁଣ୍ଡାମୀ ବ୍ୟର୍ଥ କରିବାପାଇଁ ପ୍ରୟୋଜନ ହେଉଛି ସଠିକ ଲକ୍ଷ୍ୟରେ ପରିଚାଳିତ ଯୁଦ୍ଧ ବିରୋଧୀ, ଶାନ୍ତିକାମୀ ଜନସାଧାରଣଙ୍କର ବିଶ୍ୱବ୍ୟାପୀ ଶକ୍ତିଶାଳୀ ସାମ୍ରାଜ୍ୟବାଦ ବିରୋଧୀ ଆନ୍ଦୋଳନ।

ଆମେ ନିଶ୍ଚିତ ଯେ, ଧମକ ଦେଇ ସମସ୍ତଙ୍କୁ ପଦାନତ କରିବା ପାଇଁ ସାମ୍ରାଜ୍ୟବାଦୀ ଆମେରିକାର ଏହି ସ୍ୱେରାଚାରୀ ଉଦ୍ୟମର ତୀବ୍ର ପ୍ରତିବାଦରେ ବର୍ତ୍ତମାନ ବିଶ୍ୱର ଚିନ୍ତାଶୀଳ ଜନସାଧାରଣ ସ୍ୱର ଉତ୍ତୋଳନ କରୁଛନ୍ତି। ମାର୍କିନ ସାମ୍ରାଜ୍ୟବାଦର ସହାୟତା ପୁଷ୍ଟ ଉଗ୍ର ଇହୁଦୀବାଦୀ ଇସ୍ରାଏଲର ଅବୈଧ ଦଖଲଦାରୀ ଏବଂ ସାମରିକ ଆକ୍ରମଣରୁ ନିଜର ମାତୃଭୂମିକୁ ମୁକ୍ତ କରିବାପାଇଁ ପାଲେଷ୍ଟାଇନବାସୀଙ୍କର ଲଢେଇ ପ୍ରତି ସଂହତି ପ୍ରଦର୍ଶନ କରିବା ଏବଂ ବିଶ୍ୱବ୍ୟାପୀ ଏହା ସପକ୍ଷରେ ସ୍ୱର ଉତ୍ତୋଳନ କରିବାପାଇଁ ଆମେ ସମଗ୍ର ବିଶ୍ୱର ଶୁଭବୁଦ୍ଧି ସଂପନ୍ନ ଜନସାଧାରଣଙ୍କୁ ଆହ୍ୱାନ ଜଣାଉଛୁ।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das